ବର୍ଷ-୨୬, ସଂଖ୍ୟା-୩୭
ଭୁବନେଶ୍ୱର
୦୭, ଫେବୃଆରୀ, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 37
Bhubaneswar
07, February, 2026 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଏକାଧିକ ରେକର୍ଡ କଲେ ସୂର୍ଯ୍ୟବଂଶୀ

# ଇଂଲଣ୍ଡକୁ ହରାଇ ଭାରତ ଜୁନିଅର ବିଶ୍ୱବିଜେତା

ହରାରେ,୬।୨(ମହାଭାରତ): ଗତଥରର ଫାଇନାଲ ପରାଜୟକୁ ଭୁଲି ଭାରତୀୟ ଯୁବବାହିନୀ ବିଶ୍ୱବିଜେତା ହୋଇଛି। ରେକର୍ଡ ଷଷ୍ଠ ଥର ପାଇଁ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍‌ରେ ହୋଇଛି। ଇଂଲଣ୍ଡକୁ ୧୦୦ ରନ୍‌ରେ ପରାସ୍ତ କରି ଭାରତ ପୁଣି ହାତେଇଛି ଏହି ଟାଇଟଲ। ଫଳରେ ଇଂଲଣ୍ଡକୁ ଗତ ୩ ସଂସ୍କରଣରେ ଦୁଇ ଥର ଫାଇନାଲରେ ହରାଇଛି ଭାରତ। ୧୭୫ ରନ୍‌ର ବିସ୍ଫୋରକ ଇଂନିସ ଖେଳି ବୈଭବ ସୂର୍ଯ୍ୟବଂଶୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

## ସୂର୍ଯ୍ୟବଂଶୀଙ୍କ ଛକା ଓ ଚୌକା ବର୍ଷା

## ଭାରତ ୪୧୧/୯, ଇଂଲଣ୍ଡ ୩୧୧

ହରାରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ବୈଭବ ସୂର୍ଯ୍ୟବଂଶୀଙ୍କ ଚି□ାକର୍ଷକ ବ୍ୟାଟିଂ ଫଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୪୧୧ ରନ୍ ସଂଗ୍ରହ କରିଥିଲା। ଦଳ ୯ଟି ୱିକେଟ୍ ହରାଇଥିଲା ୪୧୨ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆ ।କୁ ଓହ୍ଲାଇ ଥିବା ଇଂଲଣ୍ଡ ୪୦.୨ ଓଭରରେ ୩୧୧ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା। କ୍ୟାଲେବ ଫାଲକୋନର ୬୭ ବଲ୍‌ରୁ ୧୧୫ ରନ୍ କରିଥିଲେ ହେଁ ଦଳକୁ ବିଜୟୀ କରାଇବାରେ ବିଫଳ ହୋଇଥିଲେ। କାରଣ ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ। ଓପନର ବେନ୍ ଡାକିନ୍‌ସ ୫୬ ବଲ୍‌ରୁ ୬୬ ରନ୍ କରିଥିବା ବେଳେ ଜୋ ମୋରିସ୍ ୧୭ ରନ୍ କରି ଅ ।ଉଟ୍ ହୋଇଯାଇଥିଲେ। ବେନ୍ ମେୟସ ୪୫ ରନ୍ କରିଥିବା ବେଳେ ଅଧିନାୟକ ଥୋମାସ ୩୧ ରନ୍ କରିଥିଲେ। ସେହିପରି ଜେମ୍‌ସ ମିଣ୍ଟୋ ୨୮ ରନ୍ କରିଥିଲେ। ୨ ଜଣ ବ୍ୟାଟର ଖାତା ଖୋଲି ପାରି ନଥିବା ବେଳେ ଅ ।ଉ ୨ ଜଣ ଯଥାକ୍ରମେ ୧ ଓ ୩ ରନ୍ କରିଥିଲେ ଦଳ ୪୦.୨ ଓଭରରେ ୩୧୧ ରନ୍ କରି ଅଲ୍ ଅ ।ଉଟ୍ ହୋଇଯାଇଥିଲା। ଅ ।ର.ଏସ୍ ଅ ।ମ୍ବ୍ରିଶ ୩ଟି ୱିକେଟ୍ ନେଇଥିବା ବେଳେ ଡି ଦୀପେଶ ଓ କନିଷ୍କ ଚୌହାନ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଅ ।ୟୁଷ ମହାତ୍ରେ ଗୋଟିଏ ୱିକେଟ୍ ନେଇଥିଲେ।




ଭାରତୀୟ ଦଳର ଏହି ବିଶାଳ ସ୍କୋରରେ ସବୁଠୁ ଅଧିକ ଯୋଗଦାନ ରହିଛି ବୈଭବ ସୂର୍ଯ୍ୟବଂଶୀଙ୍କର। ସେ ୧୭୫ ରନ୍ କରିଛନ୍ତି ୮୦ଟି ବଲ୍‌ରୁ ୧୫ ଚୌକା ଓ ୧୫ ଛକା ସହାୟତାରେ ସେ ଏହି ସ୍କୋର କରିଛନ୍ତି।

ସୂର୍ଯ୍ୟବଂଶୀ ୧୭୫ ରନ୍ କରିଥିବା ବେଳେ ଅଧିନାୟକ ଅ ।ୟୁଷ ମହାତ୍ରେ ୫୧ଟି ବଲ୍‌ରୁ ୫୩ ରନ୍ କରିଥିବା ବେଳେ ବେଦାନ୍ତ ତ୍ରିବେଦୀ ୩୨, ବିହାନ ମଲହୋତ୍ରା ୩୦, ଅଭିଜ୍ଞ କୁଣ୍ଡୁ ୪୦, ଅ ।ରଏସ ଅ ।ମ୍ବ୍ରିଶ ୧୮ ରନ୍ କରିଥିବା ବେଳେ କନିଷ୍କ ଚୌହାନ ଅନ୍ତିମ ଭାଗରେ ବିସ୍ଫୋରକ ବ୍ୟାଟିଂ ୨୦ ବଲରରେ ୩୭ ରନ୍ କରି ନଟ୍‌ଆଉଟ୍ ରହିଥିଲେ। ଖିଲନ ପଟେଲ ଓ ହେନୀଲ ପଟେଲ ଯଥାକ୍ରମେ ୩ ଓ ୫ ରନ୍ କରିଥିଲେ। ଭାରତକୁ ପ୍ରଥମ ଝଟକା ଚତୁର୍ଥ ଓଭରରେ ଲାଗିଥିଲା। ଓପନର ଅ ।ରୋନ ଜର୍ଜ ସେ ମାତ୍ର ୯ ରନ୍ କରିଥିଲେ। କିନ୍ତୁ ଭାରତକୁ କିଛି ଫରକ ପଡ଼ି ନଥିଲା ସୂର୍ଯ୍ୟବଂଶୀ ବହୁତ ଶୀଘ୍ର ସେଟେଲ ହୋଇଯାଇଥିଲେ ସେ ଧୂଅ ।ଧାର ବ୍ୟାଟିଂ କରିଥିଲେ ୨୫.୩ ଓଭରରେ ସେ ଅ ।ଉଟ୍ ହେଲା ବେଳକୁ ଦଳର ସ୍କୋର ୨୫୧ରେ ପହଞ୍ଚି ଯାଇଥିଲା । ଇଂଲଣ୍ଡ ପକ୍ଷରୁ ଅ ।ଲେକ୍ସ ଗ୍ରୀନ ଓ ମ୍ୟାନୀ ଲମସନଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିବା ବେଳେ ଜେମ୍‌ସ ମିଣ୍ଟୋଙ୍କୁ ୩ଟିଁ କେଟ୍ ମିଳିଛି ଅ ।ର ଅ ।ଲବର୍ଟ ଗୋଟିଏ କେଟ୍ ପାଇଛନ୍ତି ।

### ବ୍ଲାକସ୍ୱାନ ସମିଟ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

# ଫିନଟେକ୍ ହେବ ଭାରତୀୟ ଅର୍ଥନୀତିର ଜୀବନରେଖା







ଭୁବନେଶ୍ୱର, ୬।୨(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱରରେ ଆୟୋଜିତ ବ୍ଲାକ୍ ସ୍ୱାନ୍ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଓଡ଼ିଶା ସରକାର ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ ସହଯୋଗରେ ଆୟୋଜିତ ହୋଇଥିଲା। ରାଷ୍ଟ୍ରପତି ଏଥିରେ ନବସୃଜନକାରୀ, ଉଦ୍ୟୋଗୀ ଏବଂ ଶିଳ୍ପ ନେତାମାନଙ୍କୁ ସମ୍ବୋଧିତ କରି ଦ୍ରୁତ ପ୍ରଯୁକ୍ତିବିଦ୍ୟା ପ୍ରଗତିରେ ପରିବର୍ତ୍ତନକାରୀ ଶକ୍ତି ଉପରେ ଆଲୋଚନା କରିଥିଲେ। ଏଥିସହ ସାଇବର ସୁରକ୍ଷାରେ ଡିପ୍ ଫେକ୍ ଏବଂ ଭୁଲ ସୂଚନା ଭଳି ଚ୍ୟାଲେଞ୍ଜ ବିରୁଦ୍ଧରେ ସତର୍କ ମଧ୍ୟ କରାଇଥିଲେ। ଗତ ଦଶନ୍ଧିରେ ଭାରତ ଅ ।ର୍ଥିକ ବ୍ୟବସ୍ଥାରେ ଏକ ପ୍ରଭାବଶାଳୀ ବିପ୍ଳବ ଦେଖିବାକୁ ମିଳିଛି। ବ୍ୟାଙ୍କ ଅ ।କାଉଣ୍ଟରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଏବଂ ଡିଜିଟାଲ ଅର୍ଥ ନେଣଦେଣ ଚାଷୀ, ଛୋଟ ଦୋକାନୀ ଏବଂ ମହିଳାମାନଙ୍କ ପାଇଁ ବହୁତ ସାଧାରଣ ହୋଇଯାଇଛି। ସେମାନଙ୍କ ପାଇଁ ଫିନଟେକ୍ ଏକ ବୈଷୟିକ ଶବ୍ଦ ନୁହେଁ, ଏହା ସେମାନଙ୍କର ଜୀବନରେଖା ପାଲଟିଛି।

ସେ ଉଲ୍ଲେଖ କରିଥିଲେ ଯେ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ଦକ୍ଷତା ବିକାଶ, ନିଯୁକ୍ତି ସୃଷ୍ଟି ଏବଂ ଡିଜିଟାଲ୍ ଏବଂ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବାର ଅଭିନବ ଉପାୟ ଅନୁସନ୍ଧାନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପ୍ରଦାନ କରେ। ରାଷ୍ଟ୍ରପତି ମୁର୍ମୁ ଗତ ଦଶନ୍ଧିରେ ଭାରତର ଫିନଟେକ୍ ବିପ୍ଳବକୁ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଜୀବନରେଖା ଭାବରେ ବର୍ଣ୍ଣନା କରିଥିଲେ, ବିଶେଷକରି ଚାଷୀ, ଛୋଟ ଦୋକାନୀ ଏବଂ ମହିଳାମାନେ, ଯେଉଁମାନେ ବର୍ତ୍ତମାନ ନିୟମିତ ଭାବରେ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର ଏବଂ ଡିଜିଟାଲ୍ ପେମେଣ୍ଟ ବ୍ୟବହାର କରନ୍ତି।

ଏହି ପରିପେକ୍ଷୀରେ ରାଷ୍ଟ୍ରପତି କହିଛନ୍ତି, 'ଭାରତର ଫିନଟେକ୍ କାହାଣୀକୁ କେବଳ ପ୍ରଯୁକ୍ତିର କାହାଣୀ ଭାବରେ ନୁହେଁ ବରଂ ଲିଙ୍ଗଗତ ନ୍ୟାୟର କାହାଣୀ ଭାବରେ ମଧ୍ୟ ମନେ ରଖିବା ଉଚିତ,' ସେ କହିଥିଲେ, ମହିଳାମାନଙ୍କୁ କେବଳ ଉପଭୋକ୍ତା ଭାବରେ ନୁହେଁ ବରଂ ଫିନଟେକ୍ ଇକୋସିଷ୍ଟମରେ ନେତା, ବୃତ୍ତିଗତ ଏବଂ ଉଦ୍ୟୋଗୀ ଭାବରେ ଦେଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରତ୍ୟେକ ନୂତନ ପ୍ଲାଟଫର୍ମ, ଉତ୍ପାଦ କିମ୍ବା ନୀତିର ମୂଲ୍ୟାଙ୍କନ କରାଯିବା ଆବଶ୍ୟକ ଯେ ଡିଜିଟାଲ୍ ଏବଂ ଆର୍ଥିକ ଅର୍ଥନୀତିରେ ମହିଳାମାନଙ୍କୁ ସକ୍ରିୟ ଅଂଶଗ୍ରହଣକାରୀ କରିବାରେ ଏହାର କ୍ଷମତା କେତେ ତାହା ଜାଣିବା ଆବଶ୍ୟକ।

## ରାଜ୍ୟରେ ନିବେଶ ପରିବେଶ ସୁଦୃଢ଼ ହୋଇଛି

ଭୁବନେଶ୍ୱର,୬।୨(ମହାଭାରତ): ଇଣ୍ଡିଆ ବ୍ଲାକ୍ ସ୍ୱାନ୍ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୀ ଏବଂ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଓଡ଼ିଶାରେ ଅନୁଷ୍ଠିତ ଇଣ୍ଡିଆ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ୨୦୨୬ର ପ୍ରଥମ ସଂସ୍କରଣରେ ସ୍ୱାଗତ କରିବା ଏକ ଗର୍ବର ବିଷୟ। ଏହି ସମ୍ମିଳନୀ ଏକ ପ୍ଲାଟଫର୍ମ ଯେଉଁଠାରେ ସରକାର, ଅନୁଷ୍ଠାନ ଏବଂ କମ୍ପାନୀଗୁଡ଼ିକ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ପଥ ପ୍ରସ୍ତୁତ କରିପାରିବେ ଏବଂ ସ୍ଥାୟୀ ପ୍ରକଳ୍ପ ସ୍ଥାପନ କରିପାରିବେ।ଓଡିଶାର ବିକାଶ ଯାତ୍ରା ସୁଚିନ୍ତିତ ପସନ୍ଦଗୁଡ଼ିକୁ ପ୍ରତିଫଳିତ କରେ। ଆମେ ବିଶ୍ୱସନୀୟ ଅନୁଷ୍ଠାନ ନିର୍ମାଣ କରିଛୁ, ଲୋକଙ୍କ କ୍ଷମତା ବୃଦ୍ଧି କରିଛୁ ଏବଂ ବିଶ୍ୱସନୀୟ ଶାସନ ସୁନିଶ୍ଚିତ କରିଛୁ।ଓଡିଶାକୁ ଏସିଆର ଭାରତର ପ୍ରବେଶପଥ ଭାବରେ ସ୍ଥାନିତ କରାଯାଇଛି, ବିଶ୍ୱ ଦକ୍ଷିଣକୁ ଭାରତ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୀତି ସହିତ ସଂଯୋଗ କରୁଛି।ସାମ୍ପ୍ରତିକ ବର୍ଷଗୁଡ଼ିକରେ, ସାଂରଚନିକ ସଂସ୍କାର ଆମର ନିବେଶ ପରିବେଶକୁ ସୁଦୃଢ଼ କରିଛି ଏବଂ ଲୋକମାନଙ୍କୁ ଅଭିବୃଦ୍ଧିର କେନ୍ଦ୍ରରେ ରଖିଛି।ଆମେ ବ୍ୟବସାୟ ପ୍ରକ୍ରିୟାକୁ ସରଳୀକୃତ କରିଛୁ, ଏକକ-ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରିଛୁ ଏବଂ ଆଇଟି, ଇଲେକ୍ଟ୍ରୋନିକ୍ସ, ଫିନଟେକ୍, ଏଆଇ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଇଁ ନୀତି ପ୍ରଚଳନ କରିଛୁ।ଆଜି ଓଡ଼ିଶା ପାଇଁ, ବିଶେଷକରି ରାଜ୍ୟର ଯୁବପିଢ଼ି ପାଇଁ ଏକ ଐତିହାସିକ ଦିନ ହେବାକୁ ଯାଉଛି। ଏହି ସମ୍ମିଳନୀର ନାମ ମଧ୍ୟ ଅତ୍ୟନ୍ତ ଉପଯୁକ୍ତ ଭାବରେ ବାଛିଛି। ଆମେ ସମସ୍ତେ ଜାଣୁ ଯେ ଏକ ହଂସ, କିମ୍ବା ରାଜହଂସ, ଧଳା ରଙ୍ଗର। ତଥାପି, ଏକ କଳା ହଂସ ଅତ୍ୟନ୍ତ ବିରଳ।

# ନିଖୋଜ ସାର୍ଥକଙ୍କୁ ଖୋଜିବାକୁ ସର୍ଚ୍ଚ ଅପରେସନ୍

ଭୁବନେଶ୍ୱର,୬।୨(ମହାଭାରତ): ଓଡ଼ିଆ ପୁଅ ସାର୍ଥକ ମହାପାତ୍ର ସମୁଦ୍ର ମଝିରେ ନିଖୋଜ ହେବା ଘଟଣା। ନିଖୋଜ ସାର୍ଥକଙ୍କ ଠିକଣା ଖୋଜିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଆରମ୍ଭ କଲେ ଉଦ୍ୟମ। ବୈଦେଶିକ ସଚିବ, ଗୃହ ସଚିବ,ଡିଜି ସିପିଂ ମୁମ୍ବାଇ, ସୀପିଂ ସଚିବ ଦିଲ୍ଲୀକୁ ପ୍ରିନସିପାଲ ରେସିଡେଣ୍ଟ ସଚିବ ଓଡ଼ିଶା ପକ୍ଷରୁ ଚିଠି କରାଯାଇଛି । ଚିଠି ପାଇବା ପରେ ଡିଜି ସିପିଂ ମଧ୍ୟ ସାର୍ଥକଙ୍କ ନିଖୋଜ ପଛର କାରଣ ପାଇଁ ଶିପିଂ ଡିଭିଜନ ମେରିଟାଇମ୍ ଆଣ୍ଡ ପୋର୍ଟ ଅଥରିଟି ଅଫ ସିଙ୍ଗାପୁର ଓ ଏମଆରସିସି ମରିସିୟସକୁ ଭଳି ଦୁଇରୁ ଅଧିକ ଦେଶକୁ ଲେଖା ଯାଇଛି ଚିଠି। ଅନ୍ୟପଟେ ପୁଅ ସାର୍ଥକ ମହାପାତ୍ରଙ୍କୁ ଖୋଜିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଲେ ମା ରଶ୍ମିତା ମହାପାତ୍ର । ସମୁଦ୍ର ମଝିରେ ଓଡିଶା କ୍ୟାଡେଟ୍ ସାର୍ଥକ ମହାପାତ୍ରଙ୍କ ନିଖୋଜ ହେବା ଘଟଣାରେ ସମୁଦ୍ରର ଗଭୀର ଜଳରେ ତାଙ୍କୁ ଖୋଜିବା ପାଇଁ ବିଶାଳ ସର୍ଚ୍ଚ ଅପରେସନ ଚାଲିଛି। ଏହି ଅଭିଯାନରେ ଅନ୍ୟ ଜାହାଜ କୁ ମଧ୍ୟ ନିୟୋଜିତ କରାଯାଇଛି। ପ୍ରାୟ ୧୬୯ ନଟିକାଲ୍ ବର୍ଗ ମାଇଲ୍ ଅଂଚଳରେ ଖୋଜାଖୋଜି ଜାରି ରହିଛି ବୋଲି ଆଙ୍ଗ୍ଲୋ ଇଷ୍ଟର୍ଣ୍ଣ କମ୍ପାନୀ ପକ୍ଷରୁ ସୂଚନା ମିଳିଛି ।

### ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା

# ପରୀକ୍ଷା ଜୀବନର ଅନ୍ତିମ ଲକ୍ଷ୍ୟ ନୁହେଁ

ନୂଆଦିଲ୍ଲୀ,୬।୨(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି 'ପରୀକ୍ଷା ପେ ଚର୍ଚ୍ଚା'ର ନବମ ସଂସ୍କରଣରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଛାତ୍ରଛାତ୍ରୀଙ୍କ ସହ ଚର୍ଚ୍ଚା କରି କହିଛନ୍ତି ଯେ, ପରୀକ୍ଷା କେବେ ବି ଜୀବନର ଶେଷ ଲକ୍ଷ୍ୟ ହୋଇପାରେ ନାହିଁ। ଶିକ୍ଷା ହେଉଛି ଜୀବନ ଗଢ଼ିବାର ଏକ ମାଧ୍ୟମ ଏବଂ ଏହାର ଲକ୍ଷ୍ୟ ସର୍ବାଙ୍ଗୀଣ ବିକାଶ ହେବା ଉଚିତ। ସେ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଗତକାଲିର ଚିନ୍ତାକୁ ଛାଡ଼ି ଅବଶିଷ୍ଟ ସମୟର ସଦ ବ୍ୟବହାର ଉପରେ ଧ୍ୟାନ ଦିଅନ୍ତୁ ଏବଂ ଚାପମୁକ୍ତ ରହି ଶିକ୍ଷା ଅନୁଭୂତିକୁ ଉପଭୋଗ କରନ୍ତୁ।



ମଣିପୁରର ଜଣେ ଛାତ୍ରୀଙ୍କ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଯାହା ପଳାଇ ଯାଇଛି ତାହାର ହିସାବ କରି ସମୟ ନଷ୍ଟ କରିବା ଉଚିତ ନୁହେଁ। ସେ ନିଜ ଜୀବନର ଉଦାହରଣ ଦେଇ କହିଛନ୍ତି ଯେ, ୧୭ ସେପ୍ଟେମ୍ବରରେ ତାଙ୍କ ଜନ୍ମଦିନରେ ଜଣେ ନେତା ଫୋନ୍ କରି କହିଥିଲେ—ଆପଣ ଏବେ ୭୫ ବର୍ଷର ହେଲେ, ତାହାର ଉତ୍ତରରେ ମୁଁ କହିଲି—ଏଯାଏଁ ୨୫ ବର୍ଷ ବାକି ଅଛି। ସେ କହିଛନ୍ତି ଯେ, ଯାହା ଗତିହୋଇଛି ମୁଁ ତାହାକୁ ଗଣନା କରେନି, ଯାହା ବାକି ଅଛି ତାହାକୁ ଗଣନା କରେ। ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଦୃଷ୍ଟିକୋଣ ଗ୍ରହଣ କରନ୍ତୁ ବୋଲି ସେ ଆହ୍ୱାନ ଦେଇ କହିଛନ୍ତି ଯେ, ଗତକାଲିର ହିସାବରେ ସମୟ ନଷ୍ଟ କରନ୍ତୁ ନାହିଁ, ଆସନ୍ତା ସମୟକୁ କିପରି ଭଲଭାବେ ବଞ୍ଚିବେ ସେଥିପାଇଁ ଭାବନ୍ତୁ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା କେବଳ ମାର୍କ ଆଣିବା ପର୍ଯ୍ୟନ୍ତ ସୀମିତ ହେବା ଉଚିତ ନୁହେଁ। ଭଲ ଶିକ୍ଷକ ସେମାନେ, ଯେମାନେ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ଉପରେ ଗୁରୁତ୍ୱ ଦେଇଥାନ୍ତି, କେବଳ ପରୀକ୍ଷାରେ ଭଲ ମାର୍କ ଆଣିବାକୁ ନୁହେଁ। ଜୀବନ କେବଳ ପରୀକ୍ଷାକୁ ନେଇ ଘୁରେ ନାହିଁ ଏବଂ ପରୀକ୍ଷା ହେଉଛି ଆତ୍ମମୂଲ୍ୟାଙ୍କନର ଏକ ମାତ୍ର ଉପାୟ।

ଭିନ୍ନଭିନ୍ନ ପଢ଼ାଶୁଣା ପଦ୍ଧତିକୁ ନେଇ ଥିବା ଭ୍ରମ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ପରିସ୍ଥିତି ସାରା ଜୀବନ ରହିଥାଏ। ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ଲୋକେ ତାଙ୍କୁ ଭିନ୍ନଭିନ୍ନ ଭାବରେ କାମ କରିବା ପାଇଁ ପରାମର୍ଶ ଦେଇଥାନ୍ତି। ପରାମର୍ଶ ନିଶ୍ଚୟ ନିଅନ୍ତୁ, କିନ୍ତୁ ଯାହା ଆପଣଙ୍କ ସ୍ୱଭାବ ଓ ପରିସ୍ଥିତି ସହ ସାମଞ୍ଜସ୍ୟ ରଖେ, ସେହି କାମଟି ହିଁ କରନ୍ତୁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ପରୀକ୍ଷାକୁ ନେଇ ଚର୍ଚ୍ଚା ସମୟରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ସହ ବାର୍ତ୍ତାଳପ ସମୟରେ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ସେ କହିଛନ୍ତି, କାହାକୁ ବି ବିଗତ ସମୟର ହିସାବ ଦେବା ବଦଳରେ ଭବିଷ୍ୟତ ବିଷୟରେ ଚିନ୍ତା କରିବା ଉଚିତ୍ । ପିଏମ ମୋଦୀ ନିଜ ଜନ୍ମଦିନର ଏକ ଘଟଣାକୁ ନେଇ କହିଛନ୍ତି, ଜଣେ ନେତା ମୋର ଜନ୍ମଦିନରେ ଫୋନ କରିଥିଲେ ।ସେପ୍ଟେମ୍ବର ୧୭ରେ କଲ୍‌କରିକହିଲେ ଆପଣଙ୍କୁ ତ ୭୫ ବର୍ଷ ହୋଇଗଲା । ଏହାର ଉତ୍ତରରେ ମୁଁ କହିଲି ଏବେ ତ ଆହୁରି ୨୫ ବର୍ଷ ବାକି ଅଛି । ପିଏମ ମୋଦୀ କହିଛନ୍ତି, ମୁଁ ବିତି ଯାଇଥିବା ସମୟକୁ ଗଣେ ନାହିଁ, ଯାହା ବାକି ଅଛି ତାକୁ ଗଣିଥାଏ । ଏହାକୁ ନେଇ ସେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରି କହିଛନ୍ତି, ଏଥିପାଇଁ ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି ଯେ, ଅତୀତରେ କଣ କରିଥିଲେ ନ କରିଥିଲେ, ତାହାର ଗଣତି କରି ସମୟ ବର୍ବାଦ କରନ୍ତୁ ନାହିଁ । ଆଗାମୀ ଦିନରେ କେମିତି ଆଗକୁ ବଢିବେ ସେ ବିଷୟରେ ଚିନ୍ତା କରନ୍ତୁ । ଏହି କଥା ପିଏମ ମୋଦୀ ସେହି ସମୟରେ କହିଲେ, ଯେତେବେଳେ ପୂର୍ବୋତରର ଜଣେ ଛାତ୍ର କହିଲେ ଯେ, ମୋର ଜନ୍ମ ମଧ୍ୟ ସେପ୍ଟେମ୍ବର ୧୭ରେ । ପିଏମ ମୋଦୀ ଏହି ସମୟରେ ପରୀକ୍ଷାକୁ ନେଇ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ସେ କହିଛନ୍ତି, ଅନେକ ଥର ଖବର କାଗଜରେ ଛପିଥାଏ ଯେ, ଏଥର ପରୀକ୍ଷା ବହୁତ କଠିନ ରହିଛି । ଏହାର କାରଣ କଣ ପ୍ରଶ୍ନପତ୍ର ତ ସିଲାବସ ବାହାରୁ ନ ଥାଏ । ତଥାପି ଏମିତି କାହିଁକି କୁହାଯାଏ ଯେ ପରୀକ୍ଷା କଠିନ ଥିଲା ।

# ପ୍ରେସରରେ ନୁହେଁ, ପେସେନ୍ସ ରଖି ପାଠ ପଢ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୨(ମହାଭାରତ):ପାଠ ପଢିବା ପାଇଁ ଆରାମ ଦାୟକ ପରିବେଶର ଆବଶ୍ୟକତା ନାହିଁ, ଯଦି ପାଠ ପଢିବା ପାଇଁ ପ୍ରକୃତ ଇଛାଶକ୍ତି ଓ ମନୋବୃତ୍ତି ଥିବ, ତେବେ ସବୁ ପରିବେଶ ଆରାମ ଦାୟକ । ସେହିପରି ଅଭିଭାବକମାନେ ପିଲାଙ୍କ କ୍ଷମତା, ଯୋଗ୍ୟତା ଓ ରୁଚି ଅନୁଯାୟୀ ପ୍ରେରଣା ଦିଅନ୍ତୁ ବୋଲି ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ପ୍ରତି ବର୍ଷ ଫେବୃଆରୀ, ମାର୍ଚ୍ଚ ମାସ ଆସିଲେ, ଆସିଯାଏ ସ୍କୁଲ୍ କଲେଜ୍‌ରେ ପରୀକ୍ଷାର ସମୟ। ଛାତ୍ରଛାତ୍ରୀଙ୍କର ମନୋବଳ ଦୃଢ କରିବା ପାଇଁ କେବଳ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ନୁହନ୍ତି, ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆରମ୍ଭ କରିଛନ୍ତି ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ। ଆଜି ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣ ୨୦୨୬ ଶିକ୍ଷା ବର୍ଷର ପରୀକ୍ଷାର୍ଥୀମାନଙ୍କ ସହ ଭୁବନେଶ୍ୱର ୟୁନିଟ୍ ୧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଦେଖିଛନ୍ତି। ଏହିଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହ କଥାବାର୍ତ୍ତା ହୋଇ ପରୀକ୍ଷା ସମୟର ପ୍ରସ୍ତୁତି ଏବଂ ପାଠପଢା ସମୟର ପ୍ରସ୍ତୁତି ବିଷୟରେ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରେସରରେ ନୁହେଁ, ପେସେନ୍ସ ରଖି ପାଠ ପଢିଲେ ପରୀକ୍ଷାର ପ୍ରସ୍ତୁତି ଉଚ୍ଚକୋଟୀର ହେବ। ପରୀକ୍ଷା ସମୟରେ ଏହି ଦୁଇଟି ଜିନିଷ ପ୍ରତ୍ୟେକ ପିଲାଙ୍କ ପାଇଁ ଲାଭଦାୟକ ହେବ। ନିଜର ଆତ୍ମ ବିଶ୍ୱାସ ହିଁ ସଫଳତାର ପ୍ରମୁଖ ଚାବିକାଠି। ଆଉ ଆତ୍ମ ବିଶ୍ୱାସ ଆସିଥାଏ ସତ କହିବା ଦ୍ୱାରା। ଏହା କହି ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆତ୍ମବିଶ୍ୱାସର ତତ୍ତ୍ୱ ବୁଝାଇଥିଲେ




। ସେ କହିଥିଲେ ଯେ, ପାଠ ପଢିବା ପାଇଁ ଆରାମ ଦାୟକ ପରିବେଶର ଆବଶ୍ୟକତା ନାହିଁ, ଯଦି ପାଠ ପଢିବା ପାଇଁ ପ୍ରକୃତ ଇଛାଶକ୍ତି ଓ ମନୋବୃତ୍ତି ଥିବ, ତେବେ ସବୁ ପରିବେଶ ଆରାମ ଦାୟକ। ମୁଖ୍ୟମନ୍ତ୍ରୀ ପିଲାଙ୍କ ସହ କଥା ହେଉ ହେଉ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କର ସଂଘର୍ଷ, ସଫଳତା ଏବଂ ଲାଇଫ୍ ସ୍କିଲ୍ ବିଷୟରେ ପିଲାଙ୍କୁ ବୁଝାଇ କହିଥିଲେ ଯେ, ଜୀବନ ଜିଣିବା ପାଇଁ ସବୁବେଳେ ଭବିଷ୍ୟତ କଥା ଚିନ୍ତାକରି ଆଗକୁ ବଢିବା ଉଚିତ୍। ତାହେଲେ ଯାଇ ଆପଣଙ୍କୁ ଆପଣଙ୍କ ୱିନିଙ୍ଗ୍ ଗୋଲ୍ ସ୍ପଷ୍ଟ ଦେଖାଯିବ।

ସେହିପରି ପିଲାମାନଙ୍କୁ କ୍ଷମତା, ଯୋଗ୍ୟତା ଓ ରୁଚି ଅନୁଯାୟୀ ପ୍ରେରଣା ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ସମସ୍ତ ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି । ପିଲାଙ୍କର ଚାରିତ୍ରିକ ବିକାଶ, ଶୃଙ୍ଖଳା ଜ୍ଞାନ ଏ ସବୁ ନିଜ ଘରେ, ନିଜ ପାରିବାରିକ ପରିବେଶରେ ହିଁ ବୃଦ୍ଧି ହୁଏ। ଏଣୁ, ପିଲାଦିନରୁ ହିଁ ସେମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରନ୍ତୁ, ଦେଖିବେ, ପ୍ରତ୍ୟେକ ଶିଶୁ ଜଣେ ଉଦୀୟମାନ ଛାତ୍ର ଭାବେ ଉଭା ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

ପରୀକ୍ଷାର ଫଳାଫଳରେ ଜୀବନର ସଫଳତାକୁ ନ ମାପି, ଜ୍ଞାନ ଆହରଣ କରିବାର ମାର୍ଗକୁ ବାଛିବା ଆବଶ୍ୟକ ।ଜ୍ଞାନ ହିଁ ଶିଖାଇବ, ଆଗକୁ ବଢିବାର ଜୀବନ କୌଶଳ ପ୍ରଦାନ କରିବ । ଅଧିକ ନମ୍ବର ରଖିଥିବା ବ୍ୟକ୍ତି ହେଉଛି ସଫଳତମ ବ୍ୟକ୍ତି, ଏ ଭଳି ଭୁଲ ଧାରଣାକୁ ଆପଣେଇବ ନାହିଁ । ତେଣୁ, ପରୀକ୍ଷା ପାଇଁ ବିଚଳିତ ନହୋଇ ଏହାକୁ ଆମେ ହସ ହସ ମୁହଁରେ ସାମନା କରିବା ଓ ଆଗକୁ ବଢିବା । ଏହା ସହିତ ମୁଖ୍ୟମନ୍ତ୍ରୀ ବାର୍ଷିକ ପରୀକ୍ଷା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନନ୍ୟା ଦାସ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ।

# କୋରାପୁଟ ପରେ ବୌଦ୍ଧ ମାଓମୁକ୍ତ

ଫୁଲବାଣୀ,୬।୨(ମହାଭାରତ): ଆଜି କନ୍ଧମାଳ ଏସ୍‌ପିଙ୍କ ନିକଟରେ ୪ ଜଣ ମାଓବାଦୀ ନିଜନିଜର ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି। ଏହି ୪ ଜଣ ମାଓବାଦୀଙ୍କ ମଧ୍ୟରୁ ୩ ଜଣ ମହିଳା ଥିବାବେଳେ ଅନ୍ୟ ଜଣେ ପୁରୁଷ ମାଓବାଦୀ ଏବଂ ଏମାନେ ସମସ୍ତେ କେକେବିଏନ୍ ମାଓ ଡିଭିଜନରେ ସକ୍ରିୟ କ୍ୟାଡର ଭାବେ କାର୍ଯ୍ୟ କରୁଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ- ଗଙ୍ଗା କୁଞ୍ଜାମି ଓରଫ ଜିତେନ (୨୪), ମୁଚାକି ମାସେ ଓରଫ ସୁମିତ୍ରା (୨୩), ଚୋମାଲି କୁଞ୍ଜମ ଓରଫ ଶାନ୍ତିଲା (୨୧) ଏବଂ ବାନ୍ଦୀ ମାଡ଼ୱୀ ଓରଫ ମାଳତୀ (୨୨)।

ଗଙ୍ଗା କୁଞ୍ଜାମିର ଘର ଛତିଶଗଡ ସୁକୁମା ଜିଲ୍ଲା ଅନ୍ତର୍ଗତ ପଣ୍ଡୁପଡା ଗାଁରେ ହୋଇଥିବାବେଳେ ମୁଚାକି ମାସେର ଘର ଛତିଶଗଡ ସୁକୁମା ଜିଲ୍ଲା ଅନ୍ତର୍ଗତ ବଟୁମ୍ ଗାଁରେ, ଚୋମାଲି କୁଞ୍ଜମ୍‌ର ଘର ଛତିଶଗଡ ବିଜାପୁର ଜିଲ୍ଲା ଅନ୍ତର୍ଗତ ମେଟାପାଲ୍ ଗାଁରେ ଏବଂ ବାନ୍ଦୀ ମାଡ଼ୱୀର ଘର ଛତିଶଗଡ ଦନ୍ତେୱାଡା ଜିଲ୍ଲାର ପୋଟାଲି ଗ୍ରାମରେ। ଏମାନେ ସମସ୍ତେ ସକ୍ରିୟ ମାଓ କ୍ୟାଡର ଭାବେ କାର୍ଯ୍ୟ କରୁଥିଲେ ଏବଂ ଏମାନଙ୍କ ନାମରେ ଉଭୟ ଛତିଶଗଡ ଓ ଓଡିଶାର ବିଭିନ୍ନ ଥାନାରେ ଅନେକ ମାମଲା ରହିଛି ବୋଲି ଆଜି କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ସୂଚନା ଦେଇଛନ୍ତି। ଅନ୍ୟପଟେ ବୌଦ୍ଧ ଜିଲ୍ଲା ସମ୍ପୂର୍ଣ୍ଣ ମାଓମୁକ୍ତ ହୋଇଯାଇଥିବାବେଳେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା କନ୍ଧମାଳ ଜିଲ୍ଲା ମାଓମୁକ୍ତ ହୋଇଯିବ ବୋଲି ଦକ୍ଷିଣାଞ୍ଚଳ ଡିଆଇଜି କହିଛନ୍ତି। ଏହି ୪ ଜଣ ମାଓବାଦୀମାନେ ନିଜନିଜର ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ପୁଲିସ ହାତରେ ଅର୍ପଣ




କରି ନିଜେ ଆତ୍ମସମର୍ପଣ କରିଥିଲେ। ପୁଲିସ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

ଏମାନଙ୍କଠାରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଯଥା- ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ, ୨ଟି ୩୦୩ ରାଇଫଲ, ଗୋଟିଏ ବୋର୍‌ଗନ୍, ୧୬ ରାଉଣ୍ଡ ଏସ୍‌ଏଲ୍‌ଆର ଗୁଳି, ୨୨ ରାଉଣ୍ଡ ୩୦୩ ଗୁଳି, ୪ ରାଉଣ୍ଡ ବୋର୍‌ଗନ୍ ଗୁଳି, ୨ଟି ୱେୟାରଲେସ୍ ସେଟ୍, ୨ଟା ଆଲୁମିନିୟମ ଡେକ୍‌ଚି, ବାସନକୁସନ, ଔଷଧ, ମାଓପତ୍ରିକା, ପଲିଥିନ ସିଟ୍, ହାଭରସ୍ୟାକ ପୋଷାକ, କମ୍ବଳ, ଶୀତବସ୍ତ୍ର, କଲମ, ଟର୍ଚ୍ଚ, ବ୍ୟାଟେରି ଚାର୍ଜର, ସୋଲାର ପ୍ଲେଟ୍, ବ୍ୟାଟେରି, ଛତା, ଜୋତା ଆଦି ପୁଲିସ ଜବତ କରିଛି। ଓଡିଶା ପୁଲିସର ନିୟମିତ କମ୍ବିଂ ଅପରେସନର ମୁକାବିଲା କରି ନପାରି ଏବଂ ସରକାରଙ୍କ ପୁନର୍ବାସ ଥଇଥାନ ପ୍ୟାକେଜ୍ ପ୍ରତି ଆକର୍ଷିତ ହୋଇ ଆତ୍ମସମର୍ପଣ କରିଛନ୍ତି ବୋଲି ମହିଳା ମାଓବାଦୀ ମୁଚାକି ଓ ଚୋମାଲି ଗଣମାଧ୍ୟମକୁ କହିଛନ୍ତି।

ହିଂସାର ପଥ ଛାଡି ଅନ୍ୟ ମାଓବାଦୀମାନେ ସମାଜର ମୁଖ୍ୟ ସ୍ରୋତକୁ ଚାଲି ଆସନ୍ତୁ ବୋଲି ଆତ୍ମସମର୍ପଣ କରିଥବା ୪ ମାଓବାଦୀ ନିବେଦନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କନ୍ଧମାଳ ଜିଲ୍ଲାରେ କେକେବିଏନ୍ ମାଓ ଡିଭିଜନ ଏବଂ ବିଜିଏନ୍ ମାଓ ଡିଭିଜନ ସକ୍ରିୟ ରହିଛି। କନ୍ଧମାଳର ଜଙ୍ଗଲରେ ୫୦ରୁ ୬୦ ମାଓବାଦୀ ଥିବାନେଇ ଦକ୍ଷିଣାଞ୍ଚଳ ଡିଆଇଜି ନିତି ଶେଖର ସୂଚନା ଦେଇଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏସ୍‌ପି ହରିଶ ବିସି, ସିଆର୍‌ପିଏଫ୍ ୧୨୭ ବାଟାଲିୟନ କମାଣ୍ଡାଣ୍ଟ ସଜୀବ ଟି.ଏମ୍, ବିଏସ୍‌ଏଫ୍ ୧୩୬ ବାଟାଲିୟନ କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା, ବିଏସ୍‌ଏଫ୍ ୧୧୬ ବାଟାଲିୟନ କମାଣ୍ଡାଣ୍ଟ ଅଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

**ଖବର**

## ଅଭିନେତ୍ରୀ ଅଞ୍ଜୁ କ୍ରିଷ୍ଣାଙ୍କ ଡ୍ରଗ୍ସ କାରବାର, ଚର୍ଚ୍ଚାରେ ଫିଲ୍ମ ଇଣ୍ଡଷ୍ଟ୍ରି



ତାମିଲ ଏବଂ ମାଲାୟଲମ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ଜଣାଶୁଣା ଅଭିନେତ୍ରୀ ଅଞ୍ଜୁ କ୍ରିଷ୍ଣା । ନିକଟରେ ଏହି ଅଭିନେତ୍ରୀଙ୍କୁ ଚେନ୍ନାଇରୁ ଗିରଫ କରାଯାଇଛି । ତାଙ୍କଠାରୁ ଡ୍ରଗ୍ସ ମଧ୍ୟ ଜବତ କରାଯାଇଛି । ଏହି ଗିରଫଦାରୀର ଖବର ଫିଲ୍ମ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଜୋର ଧରିଛି । ରିପୋର୍ଟ ଅନୁଯାୟୀ, ଗୁରୁବାର ଦିନ, ଆଣ୍ଟି-ନାର୍କୋଟିକ୍ସ ଇଣ୍ଟେଲିଜେନ୍ସ ୟୁନିଟ୍‌ର ସାଉଥ୍ ଟିମ୍ ଭାଲାସରାବକ୍କମ୍ ଅଞ୍ଚଳରେ ଚଢାଉ କରିଥିଲା । ଏହି ସମୟରେ ଅଞ୍ଜୁ କ୍ରିଷ୍ଣା ଏବଂ ଅନ୍ୟମାନଙ୍କୁ ଅଟକ ରଖାଯାଇଛି । ଟିମ୍ ମେଥାମ୍ଫେଟାମାଇନ୍ ଏବଂ ନିଷିଦ୍ଧ ପଦାର୍ଥ ଜବତ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ଅଞ୍ଜୁ କ୍ରିଷ୍ଣା, ସହକାରୀ ନିର୍ଦ୍ଦେଶକ ଭିନ୍ସି ନିବେଦ, କାର୍ତ୍ତିକ ରାଜା, ଯଶୱନ୍ତ, ଶ୍ରୀରାମ, ଆଲବିବିଂଶା ଏବଂ ଭେଙ୍କଟେଶ କୁମାର । ପୋଲିସର ସୂଚନା ଅନୁଯାୟୀ, ଚଢାଉ ସମୟରେ ଛଅ ଗ୍ରାମ ମେଥାମ୍ଫେଟାମାଇନ, ସାତ ଗ୍ରାମ ଓଜି ଗଞ୍ଜେଇ, ୧୫ ଗ୍ରାମ ଗଞ୍ଜେଇ, ଗୋଟିଏ ଏଲଏସଡି ଷ୍ଟାମ୍ପ ଏବଂ ନଅଟି ମୋବାଇଲ ଫୋନ୍ ଜବତ କରାଯାଇଛି । ଏହି ମାମଲାରେ ଅଞ୍ଜୁ କ୍ରିଷ୍ଣାଙ୍କ ନାମ ଆସିବା ପୂର୍ବରୁ ମଧ୍ୟ ସେ ତାମିଲ ଏବଂ ମାଲାୟଲମ ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ପ୍ରତିଭା ପାଇଁ ଜଣାଶୁଣା ଥିଲେ । ୩୧ ବର୍ଷୀୟା ଏହି ମହିଳା ଅନେକ ଚଳଚ୍ଚିତ୍ରରେ କାମ କରିଛନ୍ତି । ରିପୋର୍ଟ ଅନୁଯାୟୀ, ସେ 'ଆକାଶମ୍ କଦନ୍ନନ୍', 'ଆରୋ' ଏବଂ 'ଓମ୍ ଭେଲିମାଲାଇ' ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ନିକଟରେ ମୁକ୍ତିଲାଭ କରିଥିବା 'ଓମ୍ ଭେଲିମାଲାଇ', ଓମ୍ ବିଜୟଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା ଏବଂ ଏଥିରେ ସୁପରଗୁଡ୍ ସୁବ୍ରମଣି ଏବଂ ବୀରା ସୁଭାଷ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଅଞ୍ଜୁ କ୍ରିଷ୍ଣା ସୋସିଆଲ ମିଡିଆରେ ବହୁତ ଲୋକପ୍ରିୟ । ଇନଷ୍ଟାଗ୍ରାମରେ ତାଙ୍କର ୨୩.୬ ହଜାର ଫଲୋଅର୍ସ ଅଛନ୍ତି । ସେ ନିୟମିତ ଭାବରେ ତାଙ୍କର ମଡେଲିଂ କାମ, ଫଟୋସୁଟ୍ ଏବଂ ବ୍ୟକ୍ତିଗତ ଫଟୋ ପୋଷ୍ଟ କରନ୍ତି । ଏଥିସହ ଜାଣିରଖନ୍ତୁ ଯେ, ଅଞ୍ଜୁ କ୍ରିଷ୍ଣାଙ୍କ ଗିରଫଦାରୀ ଶିଳ୍ପରେ ନିଶାଦ୍ରବ୍ୟ ଅପବ୍ୟବହାର ବିଷୟରେ ପୁଣି ଆଲୋଚନା ଆରମ୍ଭ କରିଛି । ଗତ କିଛି ବର୍ଷ ଧରି, ଅନେକ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ନିଶାଦ୍ରବ୍ୟ ମାମଲାରେ ଜଡିତ ଅଛନ୍ତି ଏବଂ ଏହି ଘଟଣାକୁ ଇଣ୍ଡଷ୍ଟ୍ରି ପାଇଁ ଏକ ବଡ଼ ଆଘାତ ବୋଲି ବିବେଚନା କରାଯାଉଛି ।

## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ



କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ଦ୍ୱଚର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

## ଅର୍ଜୁନଙ୍କ ବ୍ୟତୀତ କିଏ ଶୁଣିଥିଲେ ଶ୍ରୀକୃଷ୍ଣଙ୍କ ଗୀତାଜ୍ଞାନ ? ଜାଣନ୍ତୁ



ମହାଭାରତ ଯୁଦ୍ଧ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ ଭାଇ ଅର୍ଥାତ କୌରବଙ୍କ ବିରୋଦ୍ଧରେ ଅସ୍ତ୍ର ଉଠାଇବାକୁ ରାଜି ନଥିଲେ ଅର୍ଜୁନ । ତାଙ୍କୁ ବୁଝେଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଦେଇଥିଲେ ଗୀତାଜ୍ଞାନ ।କୁରୁକ୍ଷେତ୍ରରେ ଚାରିଆଡେ ସେନା ଦ୍ୱାରା ଘେରି ହୋଇଥିଲେ ସମସ୍ତେ ।କିନ୍ତୁ ଗୀତା ଶୁଣାଇବା ସମୟରେ ଶ୍ରୀକୃଷ୍ଣ ସମୟକୁ ରୋକି ଦେଇଥିଲେ ଏବଂ ରଣଭୂମୀରେ ଥିବା ସୈନିକ ସ୍ତବ୍ଧ ହୋଇ ଯାଇଥିଲେ । ସମୟରେ ହିଁ ଗୀତାଜ୍ଞାନ ଅର୍ଜୁନଙ୍କୁ ଦେଇଥିଲେ ଶ୍ରୀକୃଷ୍ଣ ।ସବୁଠାରୁ ବଡ କଥା ହେଉଛି ଗୀତାଜ୍ଞାନ ଦେବା ବେଳେ ସମସ୍ତଙ୍କ ମଧ୍ୟରୁ କିଛି ଜଣ ହିଁ ଏହାକୁ ଶୁଣିପାରିଥିଲେ। ଗଣତି ଅନୁଯାୟୀ ଅର୍ଜୁନଙ୍କ ବ୍ୟତୀତ କେବଳ ୩ଜଣ ଥିଲେ ଯିଏକି ଶୁଣିପାରିଥିଲେ ଗୀତା ଜ୍ଞାନ ।ଆସନ୍ତୁ ଜାଣିବା ସେମାନେ କିଏ ଥିଲେସବୁଠାରୁ ପ୍ରଥମେ ଥିଲେ ବଜରଙ୍ଗବାଲୀ ହନୁମାନ । କାରଣ ସେ ଅର୍ଜୁନଙ୍କ ରଥରେ ହିଁ ଥିଲେ । ଦ୍ୱିତୀୟରେ ରହିଛନ୍ତି ସଞ୍ଜୟ । ତାଙ୍କୁ ବେଦବ୍ୟାସଙ୍କ କୃପାରୁ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଥିଲା । ଏହି କାରଣରୁ ହିଁ ସେ ମହଲରେ ଥାଇ ମଧ୍ୟ ଶୁଣିପାରିଥିଲେ ଗୀତା ଜ୍ଞାନ ।ତୃତୀୟ ତଥା ଶେଷରେ ଗୀତା ଜ୍ଞାନ ଶୁଣିଥିଲେ ଘଟୋତ୍କୋଚଙ୍କ ପୁଅ ଅର୍ଥାତ ଭୀମଙ୍କ ନାତି । ତାଙ୍କ ନାଁ ହେଉଛି ବର୍ବରିକ । ସେ ମଧ୍ୟ ଶ୍ରୀକୃଷ୍ଣଙ୍କ ବରଦାନରୁ ଶୁଣିପାରିଥିଲେ ଗୀତାଜ୍ଞାନ ।

## ପୋଇ ଶାଗରେ ରହିଛି ଅନେକ ଗୁଣ

### ଦୂର କରିଥାଏ ଆଇରନ୍ ସମସ୍ୟା



ଭାରତରେ ଅନେକ ପ୍ରକାର ଶାଗ ଉପଲବ୍ଧ। ଶାଗ ଆପଣ ନିଜର ଦୈନନ୍ଦିନ ଡାଏଟିରେ ସାମିଲ କରିପାରିବେ। ପୋଇ ମଧ୍ୟ ଏକ ପ୍ରକାର ଶାଗ ଯାହା ଭାରତରେ ମିଳେ। ପୋଇ ଶାଗ ବହୁତ ସ୍ୱାସ୍ଥ୍ୟକର। ଦେଖିବାକୁ ଏହା ପ୍ରାୟ ପାଳଙ୍ଗ ଶାଗ ଭଳି। ପୋଇ ଶାଗକୁ ବିଭିନ୍ନ ତରିକାରେ ରନ୍ଧାଯାଏ। ଏହି ଶାଗ ଶରୀରରେ ଆଇରନର ଅଭାବ ଦୂର କରିଥାଏ। ତାଛଡା ହୃଦୟ ଓ ମସ୍ତିଷ୍କକୁ ମଧ୍ୟ ସୁସ୍ଥ ରଖିଥାଏ। ନିୟମିତ ପୋଇ ଶାଗ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପୋଇ ଶାଗର ଆହୁରି ଅନେକ ଲାଭ ରହିଛି।

× ପୋଇ ଶାଗ ଫାଇବର ଭଳି ପୋଷାକ ତତ୍ୱରେ ଭରପୁର। ଏହା ଶରୀରରେ ଥିବା ବ୍ୟାଡ଼ କୋଲେଷ୍ଟ୍ରୋଲକୁ କମ କରିଥାଏ ଓ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ରକ୍ତ ସଞ୍ଚାଳନରେ ସୁଧାର ଆଣିଥାଏ ଏବଂ ହୃଦୟ ସହ ଜଡିତ ରୋଗର ଆଶଙ୍କା କମ କରିଥାଏ। ଏଥିରେ ପୋଟାସିୟମ ମଧ୍ୟ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ।

× ଆଇରନ୍ ବ୍ଲଡ୍ ସେଲର ଉଚିତ ଉତ୍ପାଦନର ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ। ଆଇରନ୍ ଅଭାବ ଯୋଗୁଁ ହେମୋଗ୍ଲୋବିନ୍ ଉତ୍ପାଦନ ପ୍ରଭାବିତ ହୋଇଥାଏ ଯେଉଁଥିପାଇଁ ଏନିମିଆ ହେବାର ଆଶଙ୍କା ଥାଏ।

× ପୋଇ ଶାଗରେ ମ୍ୟାଗନେସିୟମ୍ ଓ କ୍ୟାଲସିୟମ୍ ଭରପୁର ମାତ୍ରାରେ ରହିଛି। ଏହି ଦୁଇଟି ପୋଷାକ ତତ୍ତ୍ୱ ହାଡ ମଜବୁତ କରିବାରେ ସାହାଯ୍ୟ କରିଥାଏ। ନିୟମିତ ସେବନ ଦ୍ୱାରା ହାଡ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ଏହା ଭିଟାମିନ୍-ସି ର ଏକ ପ୍ରମୁଖ ସ୍ରୋତ ଯେଉଁଥିପାଇଁ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

× ଅନିଦ୍ରା ସମସ୍ୟା ପାଇଁ ମଧ୍ୟ ପୋଇ ଶାଗ ବହୁତ ଲାଭଦାୟକ। ଯଦି ଆପଣଙ୍କୁ ରାତିରେ ନିଦ ହେଉନାହିଁ କିମ୍ବା ଅନିଦ୍ରା ସମସ୍ୟା ରହିଛି ତାହେଲେ ନିୟମିତ ପୋଇ ଶାଗ ସେବନ କରିପାରିବେ। ପୋଇ ଶାଗରେ ମ୍ୟାଗନେସିୟମ ଜିଙ୍କର ଗୁଣ ରହିଛି ଯାହା ନିଦ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ

× ପୋଇ ଶାଗରେ ବହୁ ମାତ୍ରାରେ ଫାଇବର ରହିଛି ଯାହା ପାଚନ ତନ୍ତ୍ରକୁ ମଜବୁତ କରିଥାଏ। ସୁସ୍ଥ ପାଚନ ପ୍ରଣାଳୀ ପାଇଁ ପୋଇ ଶାଗ ସେବନ କରିପାରିବେ। ତାଛଡା ଏହା ପେଟ ଜନିତ ସମସ୍ୟା ମଧ୍ୟ ଦୂର କରିଥାଏ। ଏହା ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

## କ'ଣ ମନି ପ୍ଲାଣ୍ଟ ଗଛ ଲଗାଇଲେ ଘରେ ଝଗଡ଼ା ହୁଏ

ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି



ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ।

# ୨୦୨୭ ସୁଦ୍ଧା ରାଜ୍ୟର ରଣ ସମ୍ଭାବନା ୩.୧୫ ଲକ୍ଷ କୋଟି




**ଭୁବନେଶ୍ୱର,୫।୨ (ମହଭାରତ):** ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ମଙ୍ଗଳବାର ରାଜ୍ୟ କ୍ରେଡିଟ ସେମିନାର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ରଣ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି। ମୋଟ ଆକଳନ ମଧ୍ୟରୁ ଏମ୍‌ଏସ୍‌ଏମ୍‌ଇର ସର୍ବାଧିକ ଅଂଶ ୧.୫୨ ଲକ୍ଷ କୋଟି ଟଙ୍କା ଥିବାବେଳେ କୃଷି କ୍ଷେତ୍ରରେ ୧.୧୪ ଲକ୍ଷ କୋଟି ଟଙ୍କା ରହିଛି। ଅବଶିଷ୍ଟ ଅଂଶ ଗୃହ, ଶିକ୍ଷା, ଅକ୍ଷୟ ଶକ୍ତି, ସାମାଜିକ ଭିତ୍ତିଭୂମି, ରପ୍ତାନି ରଣ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ରହିଛି।

ଆଲୋଚନା ଚକ୍ରରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଅଧକ୍ଷତା କରିଥିବା ବେଳେ ରାଜ୍ୟ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଆରବିଆଇର ଆଂଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି, ଏସବିଆଇର ସିଜିଏମ୍ ଏ.ଡି. ରତ୍ନାତେଜା ଏବଂ ୟୁକୋ ବ୍ୟାଙ୍କର ସିଜିଏମ୍ ତଥା ଏସ୍‌ଏଲବିସିର ସଂଯୋଜକ ଗୌତମ ପାତ୍ର , ରାଜ୍ୟ ସରକାରଙ୍କ ଅନ୍ୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଅନ୍ୟ ଅଂଶୀଦାର ଉପସ୍ଥିତ ଥିଲେ।

ଆଲୋଚନାଚକ୍ରକୁ ଉଦଘାଟନ କରି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ "ଓଡ଼ିଶା ଭିଜନ ୨୦୩୬" ଲକ୍ଷ୍ୟ ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ହିତାଧିକାରୀଙ୍କ ସମର୍ଥନ ଲୋଡିଥିଲେ ।ଓଡ଼ିଶାର ଭିଜନ ୨୦୩୬ ଆକାଂକ୍ଷା ପୂରଣ କରିବା ପାଇଁ ରାଜ୍ୟ ସରକାର, ସରକାରୀ ଓ ବେସରକାରୀ କ୍ଷେତ୍ରର ଆନ୍ତରିକ ଉଦ୍ୟମ ଆବଶ୍ୟକ। ବର୍ଦ୍ଧିତ ରଣ ପ୍ରଦାନ ପାଇଁ ବ୍ୟାଙ୍କଗୁଡ଼ିକ ଭଲ ଭାବରେ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷକମାନଙ୍କୁ ସମର୍ଥନ କରିବାରେ ରାଜ୍ୟରେ ହୋଇଥିବା ଅଗ୍ରଗତିକୁ ସେ ପ୍ରଶଂସା କରି ସେମାନଙ୍କୁ ପରବର୍ତ୍ତୀ ସମୃଦ୍ଧିର ସ୍ତରକୁ ଆଣିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ଏସଏଚଜିରୁ ଏସଏମଇ ଏବଂ କୃଷକମାନଙ୍କୁ କୃଷି ଉଦ୍ୟୋଗୀରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏମଏସଏମଇ କ୍ଷେତ୍ରରେ 'ମିସିଂ ମିଡିଲ୍'ର ଆହ୍ୱାନ ଉପରେ ଆଲୋକପାତ କରି ସେ ରାଜ୍ୟରେ ଅଧିକ ସଂଖ୍ୟକ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ସୃଷ୍ଟି କରିବା ପାଇଁ ରଣ ସହାୟତା ପ୍ରଦାନ କରିବାକୁ ବ୍ୟାଙ୍କରମାନଙ୍କୁ ଅନୁରୋଧ କରିଥିଲେ। ଏହା ବ୍ୟତୀତ କୃଷି ଭିତ୍ତିଭୂମି, ପଣ୍ୟାଗାର, ଆନୁଷଙ୍ଗିକ କୃଷି ଉଦ୍ୟୋଗ କ୍ଷେତ୍ର ଏବଂ ମହିଳା ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ରଣ ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଘନିଷ୍ଠ ସହଯୋଗ ପାଇଁ ସେ ଆହ୍ୱାନ ଦେଇଛନ୍ତି।

ରାଜ୍ୟରେ ରଣ ବୃଦ୍ଧିକୁ ପ୍ରଶଂସା କରି ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଅଧିକ ସନ୍ତୁଳିତ ଏବଂ ସମାବେଶୀ ଆଞ୍ଚଳିକ ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ଜନଜାତି ଏବଂ ଅବହେଳିତ ଅଂଚଳରେ ରଣ ବୃଦ୍ଧି ଉପରେ ଧ୍ୟାନ ଦିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କ୍ରେଡିଟ ଡିପୋଜିଟ ଅନୁପାତ ବୃଦ୍ଧି ପାଇଁ ସାରା ରାଜ୍ୟରେ ଅଗ୍ରାଧିକାର କ୍ଷେତ୍ରରେ ରଣ ପ୍ରସାର ବୃଦ୍ଧି କରିବାକୁ ସେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ଆହ୍ୱାନ କରିଛନ୍ତି।

ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ତାଙ୍କ ଅଭିଭାଷଣରେ ବ୍ୟାଙ୍କଗୁଡ଼ିକୁ ରାଜ୍ୟ ଫୋକସ୍ ପେପରରେ ଧାର୍ଯ୍ୟ କରାଯାଇଥିବା ଆକଳନକୁ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ରାଜ୍ୟର ବାର୍ଷିକ ରଣ ଯୋଜନାରେ ପରିଣତ ହେବ ।ଏସବିଆଇର ସିଜିଏମ ପରାମର୍ଶ ଏବଂ ବଟମ-ଅପ୍ ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟ ଫୋକସ୍ ପେପର ପ୍ରସ୍ତୁତ କରିବାରେ ନାବାର୍ଡର ପ୍ରୟାସକୁ ସେ ପ୍ରଶଂସା କରିଥିଲେ।

# ଉଦଯାପିତ ହେଲା ଆଦିବାସୀ ମେଳା

ଭୁବନେଶ୍ୱର,୬।୧୨(ମହାଭାରତ): ଉଦଯାପିତ ହୋଇଛି ରାଜ୍ୟସ୍ତରୀୟ ଆଦିବାସୀ ମେଳା ୨୦୨୬ । ଭୁବେନଶ୍ୱରର ୟୁନିଟ-୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଗତ ୧୧ ଦିନ ଧରି ଚାଲିଥିବା ମେଳା ସଫଳତାର ସହ ଶେଷ ହୋଇଛି । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ, ଅନୁସୂଚିତ ଜନଜାତି କଲ୍ୟାଣ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ବିଭାଗ ନିତ୍ୟାନନ୍ଦ ଗଣ୍ଡ ମେଳାର ସଫଳତା ବିଷୟରେ ସୂଚନା ଦେଇଛନ୍ତି। ଉଦଯାପନୀ ସମାରୋହରରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବା.ପରମେଶ୍ୱରନ୍, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା, ବିଲ ପରାମର୍ଶଦାତା ବନିତା ଦାଶ, ସ୍ୱତନ୍ତ୍ର ଶାସନ ସଚିବ ସୁଜାତା ମିଶ୍ର, ଅତିରିକ୍ତ ଶାସନ ସଚିବ ଦେବେନ୍ଦ୍ର ନନ୍ଦପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଚଳିତ ବର୍ଷ ଆଦିବାସୀ ମେଳାରେ ୧୦ ଲକ୍ଷରୁ ଅଧିକ ଜନସମାଗମ ହୋଇଥିବା ବେଳେ ୪ କୋଟି ୨୨ ଲକ୍ଷ ବ୍ୟବସାୟ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଭୋକାଲ୍ ଫର୍ ଲୋକାଲ୍ ସ୍ଲୋଗାନ କୁ ଆଦିବାସୀ ମେଳା ପ୍ରତିଫଳିତ କରିଛି।। ଏହି ମେଳା ଆମକୁ ମନେ ପକାଇଦେଇଛି ଯେ ପ୍ରଗତିର ଅର୍ଥ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ବରଂ ସଂସ୍କୃତି, ପରିଚୟ ଓ ମାନବିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ମଧ୍ୟ ପ୍ରଗତିର ଅଭିନ୍ନ ଅଂଶ। ସେହିପରି ବିଭାଗର ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା କହିଛନ୍ତି, ଆଜିର ପ୍ରତିଯୋଗିତାମୂଳକ ସମୟରେ ଆଦିବାସୀମାନଙ୍କୁ ମୁଖ୍ୟସ୍ରୋତର ସାମିଲ କରିବାର ଆବଶ୍ୟକତା ରହିଛି।

ଆଦିବାସୀ ମେଳା କେବଳ ଐତିହ୍ୟର ପରିଚୟ ନୁହେଁ ବରଂ ଆଦିବାସୀ ସାମଗ୍ରୀକୁ ଏକ ବଜାର ଦେବାର ଏକ ପ୍ରୟାସ । ଏହା ମାଧ୍ୟମରେ ଆମେ ଆଦିବାସୀ ଭାଇ ଭଉଣୀ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରୁଛୁ। ତେବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସ୍ୱତନ୍ତ୍ର ଶାସନ ସଚିବ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି । ଉଦଯାପନୀ ସନ୍ଧ୍ୟାରେ ଗବେଷଣା ପତ୍ରିକା 'ବନଜା' ର ଶୁଭ ଉନ୍ମୋଚିତ ହୋଇଥିବା ବେଳେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ସ୍ମରଣିକା 'ପାହାଚ ୨୦୨୬' କୁ ମୁଖ୍ୟ ଅତିଥି ଅନାବରଣ କରିଛନ୍ତି ।

# ଇଣ୍ଟରନାଲ କମିଟି ଅପଡେଟ ମାଗିଲା ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୬।୨ (ମହାଭାରତ):** ଇଣ୍ଟରନାଲ କମିଟି ଅପଡେଟ ମାଗିଲା ଉଚ୍ଚଶିକ୍ଷା ବିଭାଗ। ଇଂଟରନାଲ ଅଭିଯୋଗ କମିଟି କଣ କଣ କାର୍ଯ୍ୟ କରିଛି, କେଉଁ ମାନେ ସଦସ୍ୟ ରହିଛି ତାର ତଥ୍ୟ ମାଗିଛ ବିଭାଗ । ଏହା ଗଠନ ପରଠୁ କଣ ସବୁ ପଦକ୍ଷେପ ନେଇଛି ? ଅଭିଯୋଗ ହେଇଥିଲେ ଏହାର ସମାଧାନ କରାଯାଉଛି କି ନାହିଁ ଏସବୁର ସମୀକ୍ଷା କରିବ ଉଚ୍ଚଶିକ୍ଷା ବିଭାଗ। ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଚିଠି ଲେଖାଯାଇଛି । ଓଡ଼ିଶାରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାୟୀ ସମାଧାନ ଦିଗରେ ବିଭାଗ ଏଭଳି ନିଷ୍ପତି ନେଇଥିଲା । ତେବେ ଏହି କମିଟି ଏବେ କେଉଁଭଳି କର୍ଯ୍ୟକାରୀ କରୁଛି ତାହାର ବାର୍ଷିକ ସମୀକ୍ଷା ହେବ। ଏଥିପାଇଁ ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟକୁ ଏହାର ସବିଶେଷ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଗୁଗୁଲ ଫର୍ମ ଲିଙ୍କ୍‌ରେ ଏହି ସବୁ ତଥ୍ୟକୁ ଆସନ୍ତା ୭ତାରିଖ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରାଜଧାନୀ ରାଜରାସ୍ତାରେ ମଦ୍ୟପ ଅଟୋ ଚାଳକଙ୍କ ହାଇଡ୍ରାମା

**ଭୁବନେଶ୍ୱର, ୬।୨ (ମହାଭାରତ):**ରାଜଧାନୀ ରାଜରାସ୍ତାରେ ମଦ୍ୟପ ଅଟୋ ଚାଳକଙ୍କ ହାଇଡ୍ରାମା । ଅଧ ଘଣ୍ଟାଏ ଧରି ହାଇଡ୍ରାମା କଲେ ମଦ୍ୟମ ଅଟୋ ଚାଳକ । ଅଟୋକୁ ରାସ୍ତାରେ ଓଲଟାଇ ଦେଲେ । ରାସ୍ତାରେ ଯାହାକୁ ପାରିଲା ତାକୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କଲେ । ହାଇଡ୍ରାମା ହେତୁ ରାମ ମନ୍ଦିର ଛକରୁ ରୁପାଲୀ ରାସ୍ତା ସମ୍ପୂର୍ଣ୍ଣ ଜାମ ହୋଇଯାଇଥିଲା । ପିସିଆର ଟିମ ମଧ ମଦ୍ୟପ ଅଟୋ ଚାଳକକୁ କାବୁ କରିବାକୁ ହେଲା ନାକେଦମ । ୨ଟି ପିସିଆର ଟିମ ଶେଷରେ କାବୁ କରି ମଦ୍ୟପକୁ ଖାରବେଳ ଥାନାରେ ଅଟକ ରଖି ପଚରାଉଚରା କରୁଛି । ୟୁନିଟ ୯ କେନ୍ଦ୍ରୀୟ ବିଦ୍ୟାଳୟ ସାମ୍ନାରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ ।

# ଜାଗରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

**ଭୁବନେଶ୍ୱର,୬।୨ (ମହାଭାରତ):** ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ଓ ପୂଜାବିଧି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ରୀତିନୀତି ଏବଂ ପୂଜାବିଧି ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହିତ ଚଳିତ ଜାଗର ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ।




ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଲେ ଯେ ଲିଙ୍ଗରାଜ ମହାପ୍ରଭୁ ସାରା ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଆରାଧ୍ୟ ଦେବତା। ତେଣୁ ରୀତିନୀତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ। ଚଳିତ ଫେବୃଆରୀ ୧୫ ତାରିଖରେ ଜାଗର ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଉତ୍ସବରେ ଅନେକ ଭିଡ଼ ହେବାର ସମ୍ଭାବନା ରହିଛି। ଜାଗର ଦିନ ଲିଙ୍ଗରାଜଙ୍କ ଦର୍ଶନ ନେଇ ସବୁ ଭକ୍ତଙ୍କ ମନରେ ଆଗ୍ରହ ରହୁଥିବାରୁ ଭିଡ଼କୁ ଆୟତ କରିବା ଏବଂ ସମସ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିବା ଏକ ବଡ ଆହ୍ୱାନ। ଏହି ଆହ୍ୱାନର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ଲିଙ୍ଗରାଜ ମନ୍ଦିରର ସେବକ ଓ ନିଯୋଗସମୂହ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି। ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଅଘଟଣକୁ ଆମନ୍ତ୍ରଣ କରିପାରେ। ତେଣୁ ଚଳିତ ଜାଗରକୁ ସୁଚାରୁ ରୂପେ ପରିଚାଳନା କରିବା ଏବଂ ସବୁ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ସେବାୟତ ଓ ନିଯୋଗସମୂହ ସହ ସମନ୍ୱୟ ରଖି ସଠିକ୍ ସମୟରେ ନୀତିକାନ୍ତି ସମାପନ, ପୂଜାବିଧି ପାଳନ, ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବା ସହ ମନ୍ଦିର ଭିତରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଅକ୍ସିଜେନ୍‌ର ବ୍ୟବସ୍ଥା ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା। ଜାଗର ଉତ୍ସବକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପୂର୍ବ ଅଭିଜ୍ଞତା ଥିବା ବରିଷ୍ଠ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବା ବିଷୟ ଆଲୋଚନରେ ସ୍ଥାନ ପାଇଥିଲା। ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁଲିସ କମିଶନର ଏସ୍ ଦେବଦତ ସିଂହ, ଦେବୋତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୌର ନିର୍ବାଚନରେ ଦଳ ପ୍ରାର୍ଥୀ ଦେବ : ମହମ୍ମଦ ମୋକିମ

**ଭୁବନେଶ୍ୱର, ୬।୨(ମହାଭାରତ):** ନୂଆ ଦଳ ଗଠନ ପୂର୍ବରୁ ବରିଷ୍ଠ ରାଜନେତା ମହମ୍ମଦ ମୋକିମ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ବିଜେଡି , କଂଗ୍ରେସ ଓ ବିଜେପି ରେ କିଛି ନେତା ତାଙ୍କ ସହ ଯୋଗାଯୋଗରେ ଅଛନ୍ତି। ଠିକ ସମୟରେ ଦଳରେ ସାମିଲ ହେଲେ ସେମାନେ କିଏ ଜାଣି ପାରିବେ ବୋଲି କହିଛନ୍ତି ମୋକିମ । ଏହା ସହ ଆଗକୁ ହେବାକୁ ଥିବା ପୌର ନିର୍ବାଚନରେ ଦଳ ପ୍ରାର୍ଥୀ ଦେବ। ସୂଚନାଯୋଗ୍ୟ ଯେ ମୋକିମ ଗୁରୁବାର ଦିନ ଭୁବନେଶ୍ୱରରେ ବିଭିନ୍ନ ଜିଲ୍ଲାରୁ ଚାଷୀ ନେତାଙ୍କୁ ଡାକି ସମାବେଶ କରିଥିଲେ । ନୂଆ ଦଳରେ ଚାଷୀ ଙ୍କୁ ସାମିଲ ପାଇଁ ରୋଡ଼ ମ୍ୟାପ ପ୍ରସ୍ତୁତ କରିବା ସହ ଦଳ ଚାଷୀ ସମକ୍ଷ୍ୟା ନେଇ ଆଗକୁ ଲଢେଇ କରିବ ବୋଲି ମୋକିମ କହିଛନ୍ତି। ସେପଟେ ଦଳର ନାଁ ନେଇ ନିର୍ବାଚନ କମିଶନକୁ ସମସ୍ତ ତଥ୍ୟ ପଠା ଯାଇଥିବା ବେଳେ ସେଠାରୁ ଅନୁମୋଦନ ପରେ ମାର୍ଚ୍ଚ ଶେଷ ସପ୍ତାହରେ ପୂର୍ଣ୍ଣାଙ୍ଗ ଦଳ ଗଠନ ହେବ ବୋଲି କହିଛନ୍ତି ମୋକିମ।

# ଜଙ୍ଗଲ ନିଆଁ ରୋକିବ ଏଆଇ କ୍ୟାମେରା

**ଭୁବନେଶ୍ୱର,୬।୨(ମହାଭାରତ):** ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ରୋକିବା ପାଇଁ ରାଜ୍ୟ ବନ ବିଭାଗ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଆବଶ୍ୟକ ସ୍ଥଳରେ ଜଙ୍ଗଲ ନିଆଁ ଉପରେ ନଜର ରଖିବା ପାଇଁ ମିନି ଡ୍ରୋନ ବ୍ୟବହାର କରାଯାଉଛି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) କେ ମୁରୁଗେସନ ସୂଚନା ଦେଇଛନ୍ତି। ଜଙ୍ଗଲରେ ନିଆଁ ଲାଗିଲେ ତୁରନ୍ତ ୧୮୦୦-୩୪୫-୭୧୫୮ ଟୋଲ୍-ଫ୍ରି ନମ୍ବରରେ ସୂଚନା ଦେବାକୁ ପିସିସିଏଫ୍ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି। ସେହିପରି, ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇଲେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସିଏଫ୍ ଚେତାବନୀ ଦେଇଛନ୍ତି।



ରାଜ୍ୟରେ ଆସନ୍ତା ବନାଗ୍ନି ଋତୁକୁ ସଫଳତାର ସହ ମୁକାବିଲା କରିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ନେଇ ଭୁବନେଶ୍ୱରସ୍ଥିତ 'ଅରଣ୍ୟ ଭବନ'ଠାରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଡ କେ. ମୁରୁଗେସନଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ କାର୍ତ୍ତିକ ଭି., ସି.ଏଫ୍, ପି ଏଣ୍ଡ ଏସ୍ ଏମ୍ ଉପସ୍ଥିତ ରହି ବନାଗ୍ନିର ପ୍ରଭାବ ଏବଂ ଏହାର ପ୍ରତିକାର ପାଇଁ ବିଭାଗ ଗ୍ରହଣ କରିଥିବା ବୈଷୟିକ ଓ କ୍ଷେତ୍ରସ୍ତରୀୟ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବନାଗ୍ନି କେବଳ ଜଙ୍ଗଲ ନୁହେଁ, ବରଂ ବନ୍ୟପ୍ରାଣୀ ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ପାଇଁ ଏକ ବଡ଼ ସଙ୍କଟ ବୋଲି ବୈଠକରେ ମତପ୍ରକାଶ ପାଇଛି । ଗତ ବର୍ଷର ପରିସଂଖ୍ୟାନ ଅନୁଯାୟୀ, ଓଡ଼ିଶାରେ ପ୍ରାୟ ୨୯,୭୦୯ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଥିଲା। ଶୁଷ୍କ ପାଗ ଏବଂ ଜଙ୍ଗଲରେ ସଂଚିତ ଶୁଖିଲା ପତ୍ର ସାଙ୍ଗକୁ ମାନବଜନିତ ଅବହେଳା ଯୋଗୁଁ ଏହି ଅଘଟଣମାନ ଘଟିଥିଲା। ତଥାପି, ଉପଗ୍ରହ ଆଧାରିତ ସତର୍କ ସୂଚନା ଏବଂ ବନ କର୍ମଚାରୀଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପ୍ରାୟ ୯୯.୭ ପ୍ରତିଶତ ଘଟଣାକୁ ନିୟନ୍ତ୍ରଣ କରାଯାଇ କ୍ଷତିର ପରିମାଣକୁ ସର୍ବନିମ୍ନ କରାଯାଇଥିଲା। ଏହି ସଫଳତାକୁ ଆଧାର କରି ଚଳିତ ବର୍ଷ ରାଜ୍ୟର ସମସ୍ତ ଜିଲ୍ଲା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ଜଙ୍ଗଲ ମଧ୍ୟରେ ନିଆଁର ବ୍ୟାପ୍ତିକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କିଲୋମିଟର ଦୈର୍ଘ୍ୟର ଅଗ୍ନିରୋଧକ ରେଖା ସୃଷ୍ଟି କରାଯାଇଛି। ବନାଗ୍ନି ମୁକାବିଲା ପାଇଁ ଏହି ବର୍ଷ ବୈଷୟିକ କୌଶଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରାରମ୍ଭିକ ସ୍ତରରେ ନିଆଁକୁ ଚିହ୍ନଟ କରିବା ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ) ସଂଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି।

# ଯାଜପୁରରେ ଚେନ୍ନାଇ-ନ୍ୟୁ ଜଲପାଇଗୁଡି ଏକ୍ସପ୍ରେସ ଲାଇନଚ୍ୟୁତ

**ଯାଜପୁର, ୬।୨(ମହାଭାରତ):** ଓଡିଶାର ଯାଜପୁର ଜିଲ୍ଲାର ଜାଖପୁରା ରେଳୱେ ଷ୍ଟେସନ ନିକଟରେ ଗୁରୁବାର ସକାଳେ ଚେନ୍ନାଇ-ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସର ତିନୋଟି ବଗି ଲାଇନଚ୍ୟୁତ ହୋଇଛି। ରେଲୱେ ଅଧିକାରୀମାନଙ୍କ ଅନୁସାରେ, ଦୁର୍ଘଟଣା ସମୟରେ ଟ୍ରେନର ଗତି ବହୁତ ଧୀର ଥିଲା।

ଟ୍ରେନ ସଂଖ୍ୟା ୨୨୬୧୧, ଯାହା ଚେନ୍ନାଇ ସେଣ୍ଟ୍ରାଲ ଠାରୁ ନ୍ୟୁ ଜଲପାଇଗୁଡ଼ି ମଧ୍ୟରେ ଚାଲୁଥାଏ, ଜାଖପୁରା ୟାର୍ଡ ସୀମା ଭିତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରେଲୱେ ସୂତ୍ର ପକ୍ଷରୁ ଜଣାପଡିଛି ଯେ ଗୋଟିଏ ଏସି କୋଚ୍ ଓ ଦୁଇଟି ସାଧାରଣ କୋଚ୍ ଲାଇନଚ୍ୟୁତ ହୋଇଛି। ଏହି ଘଟଣାରେ କୌଣସି ଯାତ୍ରୀଙ୍କ ମୃତ୍ୟୁ କିମ୍ବା ଆହତ ହେବାର ସୂଚନା ମିଳିନାହିଁ। ଏହାସହିତ, ଏହି ରୁଟରେ ଯାତ୍ରୀ ଟ୍ରେନ ଚଳାଚଳ ପ୍ରଭାବିତ ହୋଇନାହିଁ।

ରେଲୱେ ପ୍ରଶାସନ କହିଛି ଯେ ପ୍ରଭାବିତ ବଗିଗୁଡ଼ିକୁ ଅଲଗା କରାଯାଉଛି ଏବଂ ସେଥିରେ ଥିବା ଯାତ୍ରୀମାନଙ୍କୁ ବିକଳ୍ପ ଭାବେ ସମଯୋଜନ କରାଯାଇଛି। ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଅତିରିକ୍ତ ବୋଗିର ବ୍ୟବସ୍ଥା କରାଯାଇ ଆବଶ୍ୟକତା ଅନୁଯାୟୀ ଟ୍ରେନରେ ଯୋଡ଼ାଯିବ ।ଘଟଣାର ସୂଚନା ମିଳିବା ସହିତ ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡ଼ରୁ ଦୁର୍ଘଟଣା ରେସକ୍ୟୁ ଟ୍ରେନ ସକାଳ ୦୮:୫୩ ଟାରେ ଘଟଣାସ୍ଥଳକୁ ପଠାଯାଇଛି। ଏହାସହିତ ଖୋର୍ଦ୍ଧା ରୋଡ଼ରୁ ଦୁର୍ଘଟଣା ରାହତ ଚିକିତ୍ସା ଉପକରଣ ମଧ ଘଟଣାସ୍ଥଳକୁ ପଠାଯାଇଛି। ଭଦ୍ରକରୁ ଗୋଟିଏ ଉଦ୍ଧାର ଦଳ ମଧ ଘଟଣାସ୍ଥଳକୁ ଯାଇଛନ୍ତି। ଘଟଣା ପରେ ତୁରନ୍ତ ଉଚ୍ଚପଦସ୍ଥ ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୁନରୁଦ୍ଧାର ଓ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟର ନିରୀକ୍ଷଣ କରୁଛନ୍ତି। ଦୁର୍ଘଟଣାର କାରଣ ତୁରନ୍ତ ଜଣାପଡ଼ିନାହିଁ। ରେଲୱେ ଅଧିକାରୀମାନଙ୍କ ଦ୍ୱାରା ବିସ୍ତୃତ ତଦନ୍ତ କରି ଦୁର୍ଘଟଣାର କାରଣ ଜଣାପଡିବ।

# ମହିଳାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟ୍

**ଭୁବନେଶ୍ୱର,୬।୨(ମହାଭାରତ):** ରାଜଧାନୀରେ ଲୁଟେରାଙ୍କ ଆତଙ୍କ। ଜଣେ ମହିଳାଙ୍କ ମୁଣ୍ଡରେ ବନ୍ଧୁକ ରଖି ନେଇଗଲେ ସୁନା ଅଳଙ୍କାର। ବୁଧବାର ଭୋରରେ ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଛି ଏହି ଘଟଣା। ଭୋର ପ୍ରାୟ ୫ଟା ୩୦। ନୟାପଲ୍ଲୀ ଗଡ଼ସାହିର ୬୫ ବର୍ଷୀୟା ଇନ୍ଦୁମତି ବଳବନ୍ତରାୟ ଫୁଲ ତୋଳିବା ପରେ ବାଡ଼ି ସଫା କରୁଥିଲେ। ହଠାତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟେରା ଦେଇଥିଲା ଜୀବନ ନେଇଯିବାର ଧମକ। ସେ ପିନ୍ଧିଥିବା ସୁନା ଅଳଙ୍କାର ନଦେଲେ ଗୁଳି ଫୁଟାଇ ଦେବେ ବୋଲି କହିଥିଲା। ଭୟରେ ଇନ୍ଦୁମତି ବଳବନ୍ତରାୟ ସବୁ ସୁନା ଅଳଙ୍କାର ଖୋଲି ଲୁଟେରାକୁ ଦେଇ ଦେଇଥିଲେ। ସବୁ ନେଇ ଯିବା ପରେ ଗଲାବେଳେ ଲୁଟେରା ମହିଳାଙ୍କ ପିଠିକୁ ଆଉଁସି ଦେଇ ଚାଲି ଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଚାରିପଟେ ଥିବା ଗଳିକନ୍ଦିକୁ ଯାଇ ଲୋକଙ୍କୁ ପଚରାଉଚରା କରିଛି। ଆଖପାଖରେ ଲାଗିଥିବା ସିସିଟିଭିଗୁଡ଼ିକୁ ଯାଞ୍ଚ କରାଯାଉଛି। ନୟାପଲ୍ଲୀ ଭଳି ଏକ ଭିଭିଆଇପି ଏରିଆରେ ଲୁଟେରାଙ୍କ ଏଭଳି କାରନାମା ଖବର ଶୁଣି ଲୋକେ ଭୟଭୀତ ହୋଇଯାଇଛନ୍ତି।

# କାରାଭାନ ଟୁରିଷ୍ଟ ସେବା : ପର୍ଯ୍ୟଟକଙ୍କୁ ଦେବ ନିଆରା ଅନୁଭୂତି




**ଭୁବନେଶ୍ୱର,୬।୨(ମହାଭାରତ):** ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ବୁଧବାର ଶାନ୍ତିସ୍ତୁପ ଧଉଳି ଠାରେ ପର୍ଯ୍ୟଟନ କାରାଭାନକୁ ଲୋକାର୍ପିତ କରିଛନ୍ତି। ଏହି କାରାଭାନ ମାଧ୍ୟମରେ ନିଜ ସ୍ୱଚ୍ଛନ୍ଦରେ ପର୍ଯ୍ୟଟକ ମାନେ ଭ୍ରମଣ କରିବାର ମଜ୍ଜା ନେଇପାରିବେ। ନିଜେ କିମ୍ବା ନିଜ ପରିବାର ଓ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନକୁ ଯାଇ ସେଠାକାର ଖାଦ୍ୟପେୟ, ସଂସ୍କୃତି ଏବଂ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିବାର ସୁଯୋଗ ପାଇପାରିବେ। ଏହାକୁ ଉଦଘାଟନ କରି ଶ୍ରୀମତୀ ପରିଡା କହିଲେ ଯେ ଏହି କାରାଭାନ୍ ଟୁରିଜିମ୍ ୟୁରୋପୀୟ ଦେଶରେ ମଧ ଖୁବ୍ ଲୋକପ୍ରିୟ ଏବଂ ଏ କ୍ଷେତ୍ରରେ ଆମର ଅନନ୍ୟ ପ୍ରୟାସ ଯୁବ ପର୍ଯ୍ୟଟକ ଏବଂ ଦୁଃସାହସିକ ଏବଂ ପ୍ରକୃତି ଆଧାରିତ ପର୍ଯ୍ୟଟକପ୍ରେମୀଙ୍କୁ ଆକର୍ଷିତ କରିବ। ଏହି କାରାଭାନ୍ ଯାତ୍ରା ବିଶେଷ ଭାବରେ ଶାନ୍ତ, କାନ୍ତ, କମନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡ଼ିକରେ ନୂତନ ଅଭିଜ୍ଞତା ଆଣିଦେବ ବୋଲି ସେ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ କହିଲେ ଯେ ଏହାଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ପରିବ୍ୟାପ୍ତ ହେବା ସହ ସୁଖଦ ଓ ସୁରକ୍ଷିତ ଯାତ୍ରା ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ। ସରକାରଙ୍କ ଏହି ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କହିଲେ ଯେ ନିଜ ସ୍ୱଚ୍ଛନ୍ଦରେ ପର୍ଯ୍ୟଟକମାନେ ପର୍ବତ୍ୟାଂଚଳଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଂଚଳକୁ ପରିଭ୍ରମଣ କରିପାରିବେ। ଯାହା ପର୍ଯ୍ୟଟକମାନଙ୍କୁ ଭ୍ରମଣଭିତିକ ଆନନ୍ଦ ପ୍ରଦାନ କରିବ।

ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଥି ପାଇଁ ରାଜ୍ୟର ହୀରାକୁଦ, ଶିମିଳିପାଳ, ଦାରିଙ୍ଗବାଡ଼ି, ଦେଓମାଳି, ତାଳସାରି, ପେଣ୍ଠ, ମଙ୍ଗଳାଯୋଡ଼ି, ଯିରାଙ୍ଗ ଏବଂ ଅନ୍ୟାନ୍ୟ ମନୋରମ ସ୍ଥାନକୁ ଏହି କାରାଭାନ୍ ଟୁରିଜିମ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ପର୍ଯ୍ୟଟନ ବିଭାଗ ଦ୍ୱାରା ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ଅଧିନରେ ସ୍ୟାଣ୍ଡ ଏବଂ ପେବେଲ ଟୁରସ୍ ସଂସ୍ଥା ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ପ୍ରଥମେ ଏହି କାରାଭନ ବାଲେଶ୍ୱରର ତାଳସାରି ଯିବ। ପ୍ରଥମେ ଯାତ୍ରା କରୁଥିବା ଦମ୍ପତି ଅନ୍ନଦା ପ୍ରସାଦ ପାଢୀ ଏବ ଶ୍ରୀମତୀ ଅର୍ଚ୍ଚନା ପାଢୀଙ୍କୁ ଟିକେଟ ପ୍ରଦାନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ବ୍ଲକ ଅଧକ୍ଷା ଶ୍ରୀମତୀ ନିରୂପମା ସାହୁ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ବିଭାଗୀୟ ଅଧିକାରୀ ପ୍ରମୁକ ଉପସ୍ଥିତ ଥିବା ବେଳେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ରୁଦ୍ର ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜେଟ୍ ୨୦୨୬ ଯୁଗାନ୍ତକାରୀ ଏବଂ ଯୁବ କେନ୍ଦ୍ରିକ : ଅଭିଳାଷ ପଣ୍ଡା

**ଭୁବନେଶ୍ୱର, ୬।୨(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ଆଗତ କେନ୍ଦ୍ର ବଜେଟ୍ ରେ ଯୁବବର୍ଗ, ଚାଷୀ, ମହିଳା ବେତନଭୋଗୀ, ମଧ୍ୟବିତ, ବ୍ୟବସାୟ, ଏମ୍‌ଏସ୍‌ଏମ୍‌ଇ, ସ୍ୱାସ୍ଥ୍ୟ ସେବା, ନିଯୁକ୍ତି, ଶିକ୍ଷା, ପ୍ରତିରକ୍ଷା ପରି ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି । ଦେଶର ପ୍ରତ୍ୟେକ କୋଣରେ ବିକାଶର ନୂତନ ଆଶାର କିରଣ ଉଜ୍ଜୀବିତ କରିଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ପାଲଟି ଥିବାବେଳେ ତୃତୀୟ ବୃହତମ ଅର୍ଥନୀତି ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି । ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଏହି ବଜେଟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ, ନୂତନ ଯୋଜନାକୁ ମଂଜୁରି ମିଳିଛି । ୨୦୪୭ ବିକଶିତ ଭାରତ ଗଠନ କରିବା ପାଇଁ ଏହା ଏକ ଶ୍ରେଷ୍ଠ ରୋଡମ୍ୟାପ ହେବା ସହ ଯୁବବର୍ଗର ଆଶା ପୂରଣ କରିପାରିବାରେ ସକ୍ଷମ ହେବ ବୋଲି ଗୁରୁବାର ଏନଆଇଏସଏସ ଇନଷ୍ଟିଚ୍ୟୁଟ୍ ଅଫ ଭୁବନେଶ୍ୱରରେ ଛାତ୍ରଛାତ୍ରୀ ମାନଙ୍କ ସହ ଏକ ଆଲୋଚନା ଚକ୍ରରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।

ଭାରତୀୟ ଜନତା ପାର୍ଟିର ଅନ୍ୟତମ ବରିଷ୍ଠ ନେତା ତଥା ରାଜସ୍ଥାନ ସରକାରର ପୂର୍ବତନ ମୁଖ୍ୟ ଶାସନ ସଚିବ ଜଗଦୀଶ ମହାନ୍ତି ଉପସ୍ଥିତ ରହି କହିଛନ୍ତି ବଜେଟ୍ ରେ ଭିତିଭୂମି ନିର୍ମାଣ ପାଇଁ ବ୍ୟୟ ବରାଦ ୧୨ ଲକ୍ଷ କୋଟି ଟପିଥିଲାବେଳେ ସାମାଜିକ କ୍ଷେତ୍ରରେ ବ୍ୟୟବରାଦ ବଢିଛି । ପୂର୍ବରୁ ଚାଲୁଥିବା ଗୋଟିଏ ବି ଯୋଜନା ବନ୍ଦ ହୋଇନାହିଁ । ବିଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଯୋଗୁ ଭାରତର ଅର୍ଥନୀତି ସ୍ଥିର ଅଭିବୃଦ୍ଧି ଏବଂ ନିମ୍ନ ମୁଦ୍ରାସ୍ଫୀତି ସହିତ ନିରନ୍ତର ଭାବେ ବୃଦ୍ଧି ପାଇଛି । ନିଯୁକ୍ତି ସୃଷ୍ଟି, ଉତ୍ପାଦକତା ବୃଦ୍ଧି ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ବ୍ୟାପକ ଅର୍ଥନୈତିକ ସଂସ୍କାର ଗ୍ରହଣ କରିଛନ୍ତି । ବଜେଟରେ ବିଭିନ୍ନ ସାମଗ୍ରୀକୁ ଶସ୍ତା କରିବା ସହ ଆୟକର ସ୍ଲାବ ଅପରିବର୍ତ୍ତିତ ରଖାଯାଇଛି ଯାହା ସାଧାରଣ ବର୍ଗକୁ ଆଶ୍ୱସ୍ତ କରିଛି ।

ଜାତୀୟ ଜଳମାର୍ଗ ଯୋଜନାରେ ଆଗାମୀ ୫ ବର୍ଷରେ ୨୦ଟି ନୂତନ ଜଳପଥ ନିର୍ମାଣ କରାଯିବ ଯାହା ଓଡିଶାରୁ ଆରମ୍ଭ ହେବ । ଖଣିଜ ପଦାର୍ଥରେ ଭରପୂର ତାଳଚେର ଓ ଅନୁଗୋଳ, କଳିଙ୍ଗନଗରରୁ ପାରାଦୀପ ବନ୍ଦର ସହ ସଂଯୋଗ କରିବା ପାଇଁ ଓଡ଼ିଶାରେ ଜାତୀୟ ଜଳପଥ ନିର୍ମାଣ ହେବ ଯାହା ଆଗାମୀ ଦିନରେ ଓଡିଶାରେ ଶିଳ୍ପାୟନ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତନ ଆଣିବ । ଓଡ଼ିଶାରେ ବିରଳ ଖଣିଜ କରିଡର କରିବାକୁ ଘୋଷଣା କରାଇଛନ୍ତି ।

# ବାଲି ଚୋରାଚାଲାଣ ଆଇନ କଡାକଡି ହେଉ

ନିକଟରେ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି)ର ୧୨୭ ଜଣିଆ ଟିମ୍ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାଲି ମାଫିଆଙ୍କ ବାସଭବନରେ ଆତର୍କିତ ଚଢାଉ କରି ସେମାନଙ୍କ ଘର ଓ କାର୍ଯ୍ୟାଳୟରୁ କୋଟି କୋଟି ଟଙ୍କା ସହ ବହୁନାମୀ ଦାମୀ ଗାଡି, କୋଠା କରିବା ଘଟଣା ରାଜ୍ୟରେ କେବଳ ବାଲି ଲୁଟ ଘଟଣାର ପରଦା ଫାସ କରିନାହିଁ, ସେମାନଙ୍କର ଗୁମର ଖୋଲିପାରିଛି ବୋଲି କୁହାଯାଇପାରିବ। ମିଳିଥିବା ରିପୋର୍ଟ ଅନୁଯାୟୀ ଇଡି ବାଲି ମାଫିଆଙ୍କ ଘରୁ ନଗଦ ୫କୋଟିରୁ ଅଧିକ ଟଙ୍କା ଜବତ କରିଛି। ସେହିପରି ରାଜନୈତିକ ଛତ୍ରଛାୟା ତଳେ ରହି ବର୍ଷା ଯୁଆଡେ ଛତା ସିଆଡେ ନୀତି ଆପଣାଇ ସେମାନଙ୍କର କଳା ସାମ୍ରାଜ୍ୟକୁ ଅକ୍ଷୁର୍ଣ୍ଣ ରଖିପାରିଥିଲେ। ଯାହାର ପରିଣତି ସ୍ୱରୁପ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି। ଏହା ସତ୍ୟ ଯେ, ଓଡିଶାରେ ପ୍ରବାହିତ ନଦୀଗୁଡିକ କେବଳ ଜଳର ଉତ୍ସ ନୁହଁନ୍ତି, ରାଜ୍ୟ ଅର୍ଥନୀତିର ଜୀବନରେଖା ଭାବେ ପରିଚିତ। ନଦୀ ଶଯ୍ୟାର ମହଜୁଦ ଥିବା ବାଲି ଓ ଅନ୍ୟାନ୍ୟ ଲଘୁ ଖଣିଜ ସମ୍ପଦରୁ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆୟ କରିବାରେ ସମ୍ଭାବନା ରହିଥିବାବେଳେ ସବୁଠାରୁ ଚିନ୍ତାଜନକ ତଥ୍ୟ ହେଉଛି ସରକାର ମାତ୍ର ୧୫୦୦ଟଙ୍କା ରାଜସ୍ୱ ଆୟ କରିଥିବା ସରକାରୀ ରିପୋର୍ଟ କହେ। ଆହୁରି ଉଦ୍‌ବେଗଜନକ ତଥ୍ୟ ହେଉଛି, ସରକାର ଗତ ବର୍ଷ ମାତ୍ର ୬୦୦କୋଟି ଟଙ୍କାର ରାଜସ୍ୱ ଅୟ କରିବାରେ ସମର୍ଥ ହୋଇଥିଲେ। ଯାହାକି ରାଜ୍ୟରେ ବାଲି ଚୋରା ଚାଲାଣ କିପରି ଅବାଧରେ ଚାଲିଛି ଏବଂ ବାଲି ମାଫିଆ କେତେ ସକ୍ରୀୟ ଅଛନ୍ତି ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଗଜପତି ଜିଲ୍ଲାରୁ ଆରମ୍ଭ କରି ବାଲେଶ୍ୱର ଏବଂ ପୂର୍ବ ଉପକୂଳ ଠାରୁ ଆରମ୍ଭ କରି ସୁନ୍ଦରଗଡ ତଥା ପଶ୍ଚିମାଂଚଳରେ ବେଧଡକ ଭାବେ ବାଲି ଚୋରାଚାଲାଣ ଜାରି ରହିଥିଲା। ଦ୍ରୁତ ସହରୀକରଣ ଏବଂ ଦ୍ରୁତ ଶିଳ୍ପାୟନ ଯୋଗୁଁ ନଦୀ ବାଲି ହେଉଛି ଉଭୟ ଗୃହ ଓ ଭିତିଭୂମି ନିର୍ମାଣର ମୂଳଦୁଆ କିନ୍ତୁ ଅନିୟମିତ ଖନନ ଓ ଚୋରା ଚାଲାଣ ଯୋଗୁଁ ରାଜ୍ୟ କେବଳ ରାଜସ୍ୱ ନାହାଁନ୍ତି, ବହୁ ନଦୀ ଏବେ ବାଲିଶୂନ୍ୟ ହୋଇପଡିଥିବା କୁହାଯାଇଛି। ବାଲି ପରିବର୍ତେ ନଦୀ ଗର୍ଭ ଏବେ ମାଟି, ପଙ୍କ ଏବଂ ମାଙ୍କଡା ପଥର ଖଣ୍ଡରେ ପରିଣତ। ଯାହାର ପରିଣତି ସ୍ୱରୁପ ନଦୀଗୁଡିକ ଜଳଧାରଣ କ୍ଷମତା ହରାଇବା ସହ ଭୂତଳ ଜଳସ୍ତର ଆଶାତୀତ ଭାବେ ହ୍ରାସ ପାଇବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଜଗତସିଂହପୁର ଜିଲ୍ଲାରେ ଦୁଇଟି ବାଲିଘାଟରେ ୮୦ଟି ହାଓ୍ୱା ଓ ୩ଟି ପ୍ରୋକ୍ଲିନ ଜବତ ଘଟଣା ରାଜ୍ୟରେ ବାଲି ଚୋରାଚାଲାଣ କିପରି ଚାଲିଛି, ତାର ସଂକେତ ପ୍ରଦାନ କରେ। କେବଳ ଜଗତସିଂହପୁର ଜିଲ୍ଲା ନୁହେଁ, ରାଜ୍ୟର ସମସ୍ତ ଅଂଚଳରେ ନଦୀରୁ ବାଲି ଲୁଟ ବେଧଡକ ଭାବେ ଚାଲିଥିବା ନେଇ ଗଣମାଧ୍ୟମରେ ଶିରୋନାମା ପାଲଟିଥିବାବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୁଏ। ଆହୁରି ମଧ୍ୟ ବାଲି ମାଫିଆ ପ୍ରଶାସନିକ ଅଧିକାରୀଙ୍କୁ ମାଡ ମାରିବା, ଗାଡି ମଡାଇ ହତ୍ୟା ଉଦ୍ୟମ କରିବା, ଏପରିକି ଥାନା ପରିସରରୁ ଜବତ ବାଲି ବୋଝେଇ ଗାଡି ଛଡାଇ ନେବା ଘଟଣା ଆମ ରାଜ୍ୟରେ ବାଲି ମାଫିଆ ଦୌରାତ୍ମ୍ୟ କେତେ ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ସରକାରୀ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଗତ ୩ବର୍ଷରେ ରାଜ୍ୟରେ ବାଲି ସହ ବିଭିନ୍ନ ଲଘୁ ଖଣିଜ ସମ୍ପଦ ଲୁଟ ନେଇ ୩୩୨୦ଟି ମାମଲା ରୁଜୁ ହୋଇଥିବାବେଳେ ୧୨୭କୋଟି ଟଙ୍କାର ଜୋରିମାନା ଆଦାୟ ହୋଇଛି। ବିଭିନ୍ନ ଜିଲ୍ଲାରେ ରୁଜୁ ହୋଇଥିବା ମାମଲା, ଜବତ ହୋଇଥିବା ଗାଡି ସଂଖ୍ୟା ଓ ଜୋରିମାନା ଅର୍ଥକୁ ତର୍ଜମା କଲେ, ରାଜ୍ୟରେ ବାଲି ଓ ଲଘୁ ଖଣିଜ ସମ୍ପଦର ଲୁଟ କିପରି ଚାଲିଛି, ତା’ର ସଂକେତ ମିଳେ। ରାଜ୍ୟରେ ଲଘୁ ଖଣିଜ ସମ୍ପଦର ସୁରକ୍ଷା ତଥା ଚୋରାଚାଲାଣ ରୋକିବାକୁ ଓଡିଶା ଖଣିଜ ପଦାର୍ଥ ନିୟମାବଳୀ-୨୦୨୫ରେ ଉଭୟ ଜେଲ, ଜୋରିମାନା ସହ ବହୁ କଠୋର ବ୍ୟବସ୍ଥା ରହିଛି। ଇ-ଲଟେରୀ ବ୍ୟବସ୍ଥା, ସର୍ବାଧିକ ବିକ୍ରୟ ମୂଲ୍ୟ(ଏମଏସପି), ନିର୍ଦ୍ଧାରଣ, ବାଧ୍ୟତାମୂଳକ ଷ୍ଟୋରେଜ, ଲାଇସେନ୍ସ ଓ ଆରଏଫଆଇଡି, ଟ୍ରାକିଂ ବ୍ୟବସ୍ଥା ରହିଛି। କିନ୍ତୁ ବାଲି ଚୋରା ଚାଲାଣ, ଲଘୁଖଣିଜ ସମ୍ପଦ ଲୁଟ ରୋକିବାରେ ଏହା କେତେଦୂର ସକ୍ଷମ ହେବ, ଭବିଷ୍ୟତ କହିବ। କିନ୍ତୁ ଏହା ନିସନ୍ଦେହ ଯେ, ଦୃଢ ରାଜନୈତିକ ଇଚ୍ଛାଶକ୍ତି, ପ୍ରଶାସନିକ ସ୍ୱଚ୍ଛତା ନିରପେକ୍ଷତା ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା, ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବାଲି ଲୁଟକୁ ରୋକାଯିବା ସମ୍ଭବ ହୋଇପାରିବ।

# ଉଡିଗଲେ ଗେଣ୍ଡାଳିଆ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଗେଣ୍ଡାଳିଆ ଏକ ପକ୍ଷୀ, ସବୁ ପକ୍ଷୀଙ୍କ ପରି ତାଙ୍କର ସ୍ୱାଧୀନତା ଅଛି ସେ ବିନା ଭିସା ବିନା ପାସପୋର୍ଟରେ ଆକାଶରେ ଯାଇପାରନ୍ତି, କୌଣସି ରାଜ ଆଦେଶ ବା ଟ୍ରେସପାସ ତାଙ୍କ ପାଇଁ ଆକାଶ ଉଡିବା ପାଇଁ ସେମାନେ ଖୋଜନ୍ତି ନାହିଁ। ସବୁ ପକ୍ଷୀଙ୍କର ରାଜା ପକ୍ଷୀରାଜ ଗରୁଡ଼, ସେ ବିଶ୍ୱନିୟନ୍ତା ଭଗବାନ ବିଷ୍ଣୁଙ୍କ ବାହାନ, ଅତଏବ ସେ ହିଁ ପକ୍ଷୀରାଜ ସବୁ ପକ୍ଷୀ ମାନଙ୍କୁ ଅଭୟ ଦେଇଛନ୍ତି। ବିଚରଣ କର ଉଡ, ଯେ ଯାହା ଆହାର ସଂଗ୍ରହ କର, କିନ୍ତୁ ଏକଗୋଷ୍ଠୀ ସହ କଳିଲିପ୍ତ ହୁଅନାହିଁ। ଏହା ତୁମ ମାନଙ୍କ ରାଜାର ଆଦେଶ, ବିନତି ଗୁଣ ସମ୍ପନ୍ନା, ବିନତା ମାଆର ପୁତ୍ର ଗରୁଡ଼ଙ୍କ ଆଦେଶ। ଗେଣ୍ଡାଳିଆଙ୍କୁ ବଞ୍ଚିବା ପାଇଁ ଗେଣ୍ଡା ଦରକାର, ଧାନ ଚାଷ କ୍ଷେତ୍ରରେ ଗେଣ୍ଡା ବର୍ଷାଦିନେ ବଂଶ ବିସ୍ତା କରି ବଢ଼ନ୍ତି, ପୋଖରୀ ନାଳ ଆଦିଜଳାଧାରରେ ତତସମୟରେ ଗେଣ୍ଡା ପ୍ରଚୁର ଦେଖାଯାନ୍ତି ଜଳ ଶୁଷ୍କ ପରେ ପଦାରେ ପଡ଼ି ଦେଖାଯିବ ଗେଣ୍ଡାଙ୍କୁ ଗେଣ୍ଡାଳିଆ ଖାଇ ଥାନ୍ତି। ମାନବ ସଂସ୍କୃତିରେ ଓଡ଼ିଆ ପରମ୍ପରାରେ ଗେଣ୍ଡାଙ୍କ ପାଇଁ ଏକ ଭୋଜନ ଦେବା ପରମ୍ପରା ବି ଅଛି। ଚିତାଲାଗି ଅମାବାସ୍ୟା ଯାହା ବର୍ଷା ଦିନେ ଶ୍ରାବଣ ମାସରେ ପଡ଼େ, ଏହିଦିନ ଚିଉଡ ପିଠାର ଏକ ପର୍ବ। ଏହା ସ୍ଥାନୀୟ ସନ୍ନିକଟ ଜଳାଧାରରେ ପିଠାକୁ ଘରର ପିଲାମାନଙ୍କ ଦ୍ୱାରା ଜଳରେ ପକାଇ ଗେଣ୍ଡାଙ୍କ ଉଦ୍ଦେଶ୍ୟ କହିବାକୁ କୁହାଯାଇଥାଏ ହେ ଗେଣ୍ଡାମାନେ ମୋ ବାପା ଭାଇ ଭଉଣୀଙ୍କୁ ମୋତେ କାମୁଡ଼ିବ ନାହିଁ।

ମୁଁ ତୁମ ମାନଙ୍କୁ ଆମ ଘର ପ୍ରସ୍ତୁତ ପିଠା ଅର୍ପଣ କରୁଛି, ଏହି ଥାଟି କୁସଂସ୍କାରରେ ଆସିପାରେ କିନ୍ତୁ ଥିଲା ଏକ ପରମ୍ପରା। ସିମେଣ୍ଟ ବ୍ୟବହାରର ପୂର୍ବରୁ ଯେଉଁ ଚୁନ ବ୍ୟବହାରରେ ଘର ହେଉଥିଲା ସେ ଚୁନ ଗେଣ୍ଡାଶାମୁକା ପୋଡ଼ା ଯାଇ ପ୍ରସ୍ତୁତ କରାଯାଉଥିଲା। ପଥର, ଚୁନ ସନ୍ଧାନ ପରେ ଏହା କମିଗଲା। ପରେ ପରେ ପଥର ଚୁନ ସଂଯୋଗରୁ ସିମେଣ୍ଟ ଆସିଗଲା। ସହଜରେ ଘର ନିର୍ମାଣ ହେଲା। ଗେଣ୍ଡାର ମାଂସ ଅନେକ ଲେଶକ ଆଗେ ଭକ୍ଷକ ଥିଲେ। ଏହା ଏକ ଜାନ୍ତବ ପୁଷ୍ଟିସାର, ବହୁ ଶ୍ରମିକ ଶ୍ରେଣୀର ନିମ୍ନ ଆୟକାରୀ ଲୋକ ଏହାକୁ ଭୋଜନ କରୁଥିଲେ। ଗେଣ୍ଡାଳିଆ ଗେଣ୍ଡା ଖୋଳକୁ ଥଣ୍ଟରେ ଫଟାଇ କେବଳ ମାଂସ ଅଂଶ ଖାଉଥାନ୍ତି। ଏବେ ଏହି ପକ୍ଷୀ ଦୁର୍ଲଭ, ଖାଲି ଏହିପକ୍ଷୀ ନୁହଁନ୍ତି, ପାଣିକୁଆ, ଚିଲ, ଶାଗୁଣା, କୁଆ, କୁଣ୍ଡାଖାଇ ବଣି, କୁମ୍ଭାଟୁଆ, କଜଳପାତି ବଗଙ୍କ ପରି ଅନେକ ସଂଖ୍ୟାଲଘୁ ହେଲେଣି ବା ହଜିଗଲେଣି। ବାଦୁଡ଼ି ଗହନ, ବଗ ଗହନ, କାକ ଗହନ, ପକ୍ଷୀ ମାନଙ୍କର କିଚିର ମିଚିରି ସ୍ୱର କାକଳି ଆଉ ଶୁଣାଯାଉନାହିଁ। ଜନପଦ ସବୁ ପୂର୍ବେ ଏକ ଚିଡ଼ିଆଖାନା ମଧ୍ୟରେ ଥିଲାପରି ବୋଧ ହେଉଥିଲା, କିନ୍ତୁ ହାୟ କିଥିଲା ଏ ରାଜ୍ୟ କି ହୋଇଛି ଆଜ। ରାଜଝିଅ ଅଲ୍ୟଲି, ତା ମନରେ ଅନେକ ସ୍ୱପ୍ନ ତାର ଯୁବକ ବର ପକ୍ଷୀରାଜ ଘୋଡ଼ାରେ ଆସି ତାକୁ ବିବାହକାରୀ ସାଥିରେ ନେଇଯିବ ସେ ମହାରାଣୀ ହେବ, କିନ୍ତୁ ତାର ବାବୁଙ୍କ ଏକ ବୁଢ଼ାରଜା ତାର ଅନେକ ସେନା ନେଇ ଆକ୍ରମଣ କରି ପରାସ୍ତ କରିଛି। ସେ ତାର ଯୁଦ୍ଧରେ ଜିତିବା ପଣ ନେଲେ ସାଲିଶ କରିବ। ଏଥିରେ କନ୍ୟା ସୁନା ହାତୀଘୋଡ଼ା ଭୂମି ନେବ, ଏ ପାଳିରେ ରାଜଜେମା ହିଁ ବଳିର ବକ୍ରା। ଏଇଠି ରାଜଝିଅ କାନ୍ଦୁଛି ଆକାଶକୁ ଅନାଇ ଗେଣ୍ଡାଳିଆଙ୍କ ଉଡାଣକୁ ଚାହିଁ, ଦେଖୁଛି, ପକ୍ଷୀ ଗଣ ପରି ଝାଡ଼ି କହୁଛନ୍ତି ରେଜେମା ଆଉ ଉପାୟ ନାହିଁ। ଆମର କବିମାନେ ହଂସ ଦୂତ, ମେଘଦୂତ ପ୍ରେମୀଯୁଗଳଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଥିଲେ। ମାଳ୍ୟାଣୀ, ଧୋବଣୀ, ବାରିକିଆଣି ଏମାନେ ଦୂତି କାମ କରୁଥିଲେ, ପରେ ବେରିଙ୍ଗ ଚିଠି, ପରି ଡାକ ବ୍ୟବସ୍ଥା ଏବେ ସବୁ ତମାଦୀ, ଏହି ମୋବାଇଲ ଫୋନ ଏ ସମସ୍ତଙ୍କ ଦୂତ, ଦୂତୀ।


ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


# ଭାରତ-ଇୟୁ ଆର୍ଥିକ ବୁଝାମଣା ଓ ଭବିଷ୍ୟତର ରାସ୍ତା

**ଡ. ସମନ୍ୱୟ ନନ୍ଦ**

“ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା ନେଇ ପ୍ରୟାସ କିଛି ନୂଆ ନୁହେଁ। ୨୦୦୭ ମସିହାରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା କରିବାକୁ ନେଇ ପ୍ରୟାସ କରାଯାଇଥିଲା। ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଓ ପୁଂଜି ବିନିଯୋଗକୁ ନେଇ ବିଭିନ୍ନ ପର୍ଯ୍ୟାୟରେ କଥାବାର୍ତା ଚାଲିଥିଲା। ହେଲେ ସେତେବେଳେ ଉଭୟ ପକ୍ଷଙ୍କ ପ୍ରାଥମିକତାରେ ଗଭୀର ପ୍ରଭେଦ ଥିଲା। ତେଣୁ ଏହି କଥାବାର୍ତା ୨୦୧୩ ମସିହା ବେଳକୁ ବିଫଳ ହୋଇ ଯାଇଥିଲା ଓ ଏହା ହୋଇ ପାରି ନ ଥିଲା। ମୁଖ୍ୟ ରୂପେ ସେତେବେଳେ ୟୁରୋପୀୟ ସଂଘର ଦେଶ ମାନେ ସେମାନଙ୍କର ଉତ୍ପାଦ ଭାରତୀୟ ବଜାରରେ ସୁବିଧାରେ ପହଂଚାଇବା ପାଇଁ ବିଭିନ୍ନ ତର୍କ ରଖିଥିଲେ। ଭାରତ ମଧ୍ୟ ସେତେବେଳେ ତାର ଶ୍ରମ ଶକ୍ତିର ବ୍ୟବହାର କିଭଳି ୟୁରୋପୀୟ ଦେଶ ମାନଙ୍କରେ କିଭଳି କରାଯାଇ ପାରିବ ସେ ନେଇ ଦାବି ରଖିଥିଲା। ଆହୁରି ଅନେକ ବିଷୟ ମଧ୍ୟ ଥିଲା। ହେଲେ ପ୍ରାଥମିକତାରେ ପାର୍ଥକ୍ୟ କାରଣରୁ ସେତେବେଳର କଥାବାର୍ତା ବିଫଳ ହୋଇଥିଲା।”

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଆର୍ଥିକ ବିଷୟକୁ ନେଇ ଏକ ଗୁରୁତ୍ୱପୂର୍ଣ ବୁଝାମଣା ସମ୍ପନ୍ନ ହୋଇଛି। ଏହାକୁ ମଦର ଅଫ ଅଲ ଡିଲ୍ସ ବୋଲି କୁହାଯାଉଛି। ଏହି ବାଣିଜ୍ୟ ଓ ପୁଂଜିବିନିଯୋଗ ବୁଝାମଣା ଏଭଳି ସମୟରେ ଆସିଛି ଯେତେବେଳେ ବୈଶ୍ୱିକ ବ୍ୟବସ୍ଥାରେ ଅସ୍ଥିରତା, ଭୂ ରାଜନୀତିରେ ଧ୍ରୁବୀକରଣ ଓ ଆର୍ଥିକ ଅନିଶ୍ଚିତତା ଦେଖିବାକୁ ମିଳୁଛି। ଏହି ବୁଝାମଣା ଦ୍ୱାରା ଭାରତ ଓ ୟୁରୋପୀୟ ସଂଘ ଉଭୟଙ୍କୁ ଲାଭ ହେବ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ବିଶ୍ୱର କିଛି ମାତ୍ରାରେ ନିଶ୍ଚିତତା ଦେଖିବାକୁ ମିଳିବାର ସମ୍ଭାବନା ରହିଛି।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା ନେଇ ପ୍ରୟାସ କିଛି ନୂଆ ନୁହେଁ। ୨୦୦୭ ମସିହାରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା କରିବାକୁ ନେଇ ପ୍ରୟାସ କରାଯାଇଥିଲା। ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଓ ପୁଂଜି ବିନିଯୋଗକୁ ନେଇ ବିଭିନ୍ନ ପର୍ଯ୍ୟାୟରେ କଥାବାର୍ତା ଚାଲିଥିଲା। ହେଲେ ସେତେବେଳେ ଉଭୟ ପକ୍ଷଙ୍କ ପ୍ରାଥମିକତାରେ ଗଭୀର ପ୍ରଭେଦ ଥିଲା। ତେଣୁ ଏହି କଥାବାର୍ତା ୨୦୧୩ ମସିହା ବେଳକୁ ବିଫଳ ହୋଇ ଯାଇଥିଲା ଓ ଏହା ହୋଇ ପାରି ନ ଥିଲା।

ମୁଖ୍ୟ ରୂପେ ସେତେବେଳେ ୟୁରୋପୀୟ ସଂଘର ଦେଶ ମାନେ ସେମାନଙ୍କର ଉତ୍ପାଦ ଭାରତୀୟ ବଜାରରେ ସୁବିଧାରେ ପହଂଚାଇବା ପାଇଁ ବିଭିନ୍ନ ତର୍କ ରଖିଥିଲେ। ଭାରତ ମଧ୍ୟ ସେତେବେଳେ ତାର ଶ୍ରମ ଶକ୍ତିର ବ୍ୟବହାର କିଭଳି ୟୁରୋପୀୟ ଦେଶ ମାନଙ୍କରେ କିଭଳି କରାଯାଇ ପାରିବ ସେ ନେଇ ଦାବି ରଖିଥିଲା। ଆହୁରି ଅନେକ ବିଷୟ ମଧ୍ୟ ଥିଲା। ହେଲେ ପ୍ରାଥମିକତାରେ ପାର୍ଥକ୍ୟ କାରଣରୁ ସେତେବେଳର କଥାବାର୍ତା ବିଫଳ ହୋଇଥିଲା।

ଏବେ ୨୦୨୨ ମସିହାରେ ଏହି ପ୍ରକ୍ରିୟା ପୁଣିଥରେ ଆରମ୍ଭ ହୋଇଥିଲା ତେବେ ଚଳିତ ଥର କଥାବାର୍ତା ଆରମ୍ଭ ହେଲା ବେଳେ ପରିସ୍ଥିତି ବଦଳି ସାରିଥିଲା। ଏଥର ଏହି ଆଲୋଚନା ବେଳେ କେବଳ ଆର୍ଥିକ ବିଷୟରେ ନିଜର ତର୍କ ନ ଥିଲା ବରଂ ପରିବର୍ତିତ ବୈଶ୍ୱିକ ରାଜନୀତିର ବାଧ୍ୟବାଧକତା ମଧ୍ୟ ଥିଲା।

ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି କାର୍ଯ୍ୟକାଳ ଆରମ୍ଭ ହେବା ପରେ ସାରା ବିଶ୍ୱରେ ଏକ ଭିନ୍ନ ପ୍ରକାରର ପରିସ୍ଥିତି ଉତ୍ପନ୍ନ ହୋଇଛି। ଅନେକ ଦେଶ ମାନଙ୍କ ମଧ୍ୟରେ ଏହି ଭାବନା ଦେଖିବାକୁ ମିଳିଛି ଯେ କଣ ଆମେରିକାକୁ ବିଶ୍ୱାସ କରାଯାଇ ନ ପାରେ। ଏହି ଭାବନାରେ ଆମେରିକାର ସହଯୋଗୀ ବୋଲି ଧରା ଯାଇଆସୁଥିବା ୟୁରୋପୀୟ ଦେଶ ମାନେ ମଧ୍ୟ ଅଛନ୍ତି। ଉଦାହରଣ ସ୍ୱରୂପ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗକୁ ନିଆଯାଇ ପାରେ। ଟ୍ରମ୍ପଙ୍କ ଏତାଦୃଶ ବ୍ୟବହାର କାରଣରୁ ୟୁରୋପୀୟ ୟୁନିୟନର ବିଭିନ୍ନ ଦେଶ ମାନଙ୍କ ମନରେ ଅବିଶ୍ୱାସର ବାତାବରଣ ତିଆରି ହୋଇଛି। ସେମାନେ ବୁଝି ପାରୁଛନ୍ତି ଯେ ଯଦି ଏଭଳି ପରିସ୍ଥିତିରୁ ନିଜକୁ ସେମାନେ ବାହାର ନ କରିବେ ତେବେ ଆଗାମୀ ଦିନରେ ତାଙ୍କର ସ୍ଥିତି ଖରାପ ହୋଇ ପାରେ। ଆମେରିକା ସାରା ବିଶ୍ୱରେ ଟାରିଫ ନାମରେ ବୈଶ୍ୱିକ ସ୍ତରରେ ଏକ ପ୍ରକାର ବିଶୃଙ୍ଖଳା କରୁଥିବା ଦେଖିବାକୁ ମିଳୁଛି। ତେଣୁ ଏହାର ପ୍ରତିକାର ସ୍ୱରୂପ ବିଶ୍ୱରେ ରି-ଆଲାଇନମେଂଟ ହେବା ସ୍ୱାଭବିକ ଥିଲା। ତେଣୁ ଭାରତ – ଇୟୁ ମଧ୍ୟରେ ହୋଇଥିବା ଏହି ଚୁକ୍ତି ଏହି ରିଆଲାଇନମେଂଟର ଆରମ୍ଭ ମାତ୍ର। ରିଆଲାଇନମେଂଟ ସମ୍ପୂର୍ଣ ହୋଇଗଲା ବୋଲି କହିବା ଅତିଶୟୋକ୍ତି ହେବ। ତେବେ ଏହା ଆରମ୍ଭ ହୋଇଯାଇଛି ବୋଲି ଆମେ କହି ପାରିବା।

ଅନ୍ୟ ପକ୍ଷରେ ୟୁରୋପୀୟ ସଂଘ ଆଜି ଚୀନ ଉପରେ ଅତ୍ୟଧିକ ନିର୍ଭରତାକୁ ନେଇ ଖୁବ ଅସହଜ ରହିଛି। ରୁଷ- ୟୁକ୍ରେନ ଯୁଦ୍ଧ କାରଣରୁ ୟୁରୋପୀୟ ସଂଘର ଉର୍ଜା ସୁରକ୍ଷା ଓ ରଣନୈତିକ ସ୍ୱାୟତତାକୁ ନେଇ ମଧ୍ୟ ବଡ ପ୍ରଶ୍ନ ଠିଆ ହୋଇଛି। ଏଭଳି ପରିସ୍ଥିତିରେ ଭାରତ ଏକ ବଡ ବଜାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଉଦୀୟମାନ ଆର୍ଥିକ ଶକ୍ତି ଭାବେ ପରିଗଣିତ ହେଉଥିବା କାରଣରୁ ଇୟୁ ପାଇଁ ଏକ ସ୍ୱାଭବିକ ବିକଳ୍ପ ଥିଲା।

ଅପର ପକ୍ଷରେ ଭାରତ ମଧ୍ୟ ନିଜର ମଲ୍ଟି ଆଲାଇନମେଂଟ ନୀତି ଆପଣାଉଛି। ଏହି ନୀତି ଅନୁଯାୟୀ ଭାରତ କୌଣସି ଗୋଟିଏ ଶକ୍ତି ସହ ବାନ୍ଧି ନ ହୋଇ ସମସ୍ତଙ୍କ ସହ ମଜବୁତ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛି। କେବଳ ସେତିକି ନୁହେଁ ଗତ କୋଭିଡ ସମୟରେ ଚୀନ ଯେଭଳି ଭାବେ ଗ୍ଲୋବାଲ ସପ୍ଲାୟ ଚେନ୍ କୁ ବାଧା ପହଂଚାଇଥିଲା ଓ ଅନ୍ୟ ଦେଶ ମାନଙ୍କୁ ହଇରାଣ କରିଥିଲା ତାକୁ ମଧ୍ୟ ଏହି ଦେଶ ମାନେ ଭଲ ଭାବେ ଦେଖିଛନ୍ତି ଓ କଷ୍ଟକୁ ଅନୁଭବ କରିଛନ୍ତି। ତେଣୁ ଆମେରିକା ସହିତ ଚୀନ ସହିତ ମଧ୍ୟ ସେମାନଙ୍କର ନିର୍ଭରତାକୁ କମ କରିବାକୁ ହେବ ବୋଲି ସେମାନେ ଚିନ୍ତା କରିଛନ୍ତି। ୟୁରୋପୀୟ ଦେଶ ମାନେ ଭଲ ଭାବେ ବୁଝି ପାରିଛନ୍ତି ଯେ ସେମାନଙ୍କୁ ବିକଳ୍ପ ଆବଶ୍ୟକ। ତେବେ ଏପରି ବିକଳ୍ପ ସେମାନେ କେଉଁଠି ପାଇବେ। ଏଭଳି କେଉଁ ଦେଶ ରହିଛି ଯେଉଁଥିରେ ବଡ ବଜାର ଥିବ ଯେଉଁଥିରେ ସେମାନେ ନିଜର ବସ୍ତୁ ଓ ସାମଗ୍ରୀ ବିକ୍ରୀ କରି ପାରିବେ।

ଭାରତ ପାଇଁ ଏହି ବୁଝାମଣା ଅନେକ ସ୍ତରରେ ନିର୍ଣାୟକ ବୋଲି ପ୍ରମାଣିତ ହୋଇ ପାରେ। ପ୍ରଥମ ରପ୍ତାନୀରେ ବୃଦ୍ଧି ହୋଇ ପାରେ। ଟେକ୍ସଟାଇଲ, ରେଡିମେଡ ବସ୍ତ୍ର, ଫାର୍ମାସୁଟିକାଲ, ଇଂଜିନିୟରିଂ ଉତ୍ପାଦ ଓ ସୂଚନା ପ୍ରଯୁକ୍ତି ସେବାକୁ ୟୁରୋପୀୟ ବଜାରରେ ପ୍ରତିଯୋଗିତାରେ ଲାଭ ମିଳିବ। ଦ୍ୱିତୀୟ ହେଲା ଯେ ପୁଂଜି ବିନିଯୋଗରେ ପ୍ରବାହ ବଢିବ। ୟୁରୋପୀୟ ୟୁନିୟନର କମ୍ପାନୀ ଗୁଡିକ ଭାରତରେ ମାନୁଫାକ୍ଚରିଂଗ, ଅଟୋମୋବାଇଲ କ୍ଷେତ୍ର, ନବୀକରଣ ଯୋଗ୍ୟ ଉର୍ଜା, ଡିଜିଟାଲ ଇନଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ବଡ ପୁଂଜି ନିବେଶ କରି ପାରନ୍ତି। ତୃତୀୟ କଥା ହେଲା ଯେ ମେକ ଇନ ଇଂଡିଆ ଓ ଆତ୍ମ ନିର୍ଭର ଭାରତକୁ ବୈଶ୍ୱିକ ସପ୍ଲାୟ ଚେନ ସହ ଯୋଡିବାର ସୁଯୋଗ ମିଳିବ। ଏହା ଦ୍ୱାରା ଭାରତ କେବଳ ଉପଭୋକ୍ତା ନୁହେଁ ଉତ୍ପାଦନର କେନ୍ଦ୍ର ମଧ୍ୟ ହେବ।

କିନ୍ତୁ ପ୍ରତ୍ୟେକ ସୁଯୋଗ ନିଜ ସହିତ ବିପଦ ମଧ୍ୟ ଆଣିଥାଏ। ୟୁରୋପୀୟ ସଂଘର କଠୋର ଶ୍ରମ, ପରିବେଶ ଓ ଡାଟା ସଂରକ୍ଷଣର ମାନକ ଭାରତ ପାଇଁ ନିଶ୍ଚିତ ଭାବେ ଏକ ଆହ୍ୱାନ ରହିବ। ମୁକ୍ତ ବାଣିଜ୍ୟ ନାମରେ ଘରୋଇ କୃଷି, ଡାୟରୀ ଉତ୍ପାଦ ଓ ଛୋଟ ଶିଳ୍ପ ଗୁଡିକୁ ଭାରତକୁ ସଂରକ୍ଷଣ ଦେବାକୁ ପଡିବ। ଏହି କ୍ଷେତ୍ର ଗୁଡିକ ଉପରେ ନିଶ୍ଚିତ ଭାବେ ଚାପ ରହିବ। ତେଣୁ ଏଭଳି ସନ୍ତୁଳନ ସ୍ଥାପିତ କରିବା ସେତେ ସହଜ ମଧ୍ୟ ହେବ ନାହିଁ।

ତେବେ ଏଇ ବୁଝାମଣା ଦ୍ୱାରା ଉଭୟ ଭାରତ ଓ ୟୁରୋପୀୟ ୟୁନିୟନକୁ ନିଶ୍ଚିତ ଭାବେ ଲାଭ ହେବ। ତେବେ ଆମେରିକାକୁ ଏହି ବୁଝାମଣା କଷ୍ଟ ପହଂଚାଇଛି। ଆମେରିକାରୁ ଯେଭଳି ଭାବେ ପ୍ରତିକ୍ରିୟା ଆସିଛି ସେଥିରୁ ଏହା ଦ୍ୱାରା ଆମେରିକାକୁ ନିଶ୍ଚିତ ଭାବେ କ୍ଷତି ହେବ ଏହା ସ୍ପଷ୍ଟ ଅନୁମାନ କରାଯାଇ ପାରିବ।

ରାଷ୍ଟ୍ରପତି ଟ୍ରମ୍ପ ଯଦିଓ ନିଜେ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି ତେବେ ତାଙ୍କ ପ୍ରଶାସନର ଶୀର୍ଷ ଅଧିକାରୀ ସ୍କଟ ବେସେଂଟ ଏହି ଡିଲକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଏହାକୁ ନେଇ ୟୁରୋପୀୟ ୟୁନିୟନ ଉପରେ ବର୍ଷିଛନ୍ତି। ଟ୍ରମ୍ପଙ୍କ ଦଳର ଜଣେ ସାଂସଦ କହିଛନ୍ତି ଯେ ଏହି ଡିଲ ଦ୍ୱାରା ଭାରତକୁ ଲାଭ ହେବାକୁ ଯାଉଛି। ଆମେରିକାର ପ୍ରତିକ୍ରିୟା ହିଁ ସ୍ପଷ୍ଟ କରୁଛି ଯେ ଏହି ବୁଝାମଣାରୁ କାହାକୁ ଲାଭ ହେବାକୁ ଯାଉଛି।

# ଭାରତ-ୟୁରୋପ ସଂପର୍କର ନୂଆ ସୋପାନ

**ସୌମେନ୍ଦ୍ର ଜେନା**

ନିକଟରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟିକ ବୁଝାମଣା ଖୁବ୍ ସହଜରେ ସଂପନ୍ନ ହୋଇଛି। କିନ୍ତୁ ଏହି ପ୍ରକ୍ରିୟା ପାଖାପାଖି ଦୁଇଦଶନ୍ଧିର ରହିଥିଲା। ଦୁଇପକ୍ଷଙ୍କ ମଧ୍ୟରେ ବୁଝାମଣା ଗତ ସନ୍ଦେହ ଯୋଗୁ କାର୍ଯ୍ୟବିଶେଷ ଆଗେଇପାରି ନଥିଲା। ଯେଉଁଥିପାଇଁ ଏହି ସମୟରେ ଦୁଇ ଦୁଇଟି ସରକାରଙ୍କୁ ଢେର ପ୍ରୟାସ କରିବାକୁ ପଡିଛି। ପ୍ରଥମେ ମନମୋହନ ସିଂହଙ୍କ ସରକାର ଉଦ୍ୟମ ଆରମ୍ଭ କରିଥିଲେ ଏବଂ ବର୍ତ୍ତମାନର ମୋଦି ସରକାର ତାକୁ ଶେଷ କଲେ। ଅଥଚ ଭାରତର ଦୁଇ ପଡୋଶୀ ରାଷ୍ଟ୍ର ବଙ୍ଗଳାଦେଶ ଓ ପାକିସ୍ତାନ ୟୁରୋପୀୟ ରାଷ୍ଟ୍ରମାନଙ୍କରେ ବାଣିଜ୍ୟିକ ସୁବିଧା ପାଇଆସୁଥିବାରୁ ଭାରତ ତୁଳନାରେ ଅଧିକ ବ୍ୟବସାୟ କିଛି କ୍ଷେତ୍ରରେ ଆଜିଯାଏଁ କରିଆସିଛନ୍ତି। ଅଧିକ ଟିକସ ହେବା ଯୋଗୁ ଭାରତର ବସ୍ତୁ ୟୁରୋପରେ ପାକ୍ ଓ ବଙ୍ଗଳାଦେଶଠାରୁ ଅଧିକ ହେବା ଯୋଗୁ ବିକ୍ରୀ ହୋଇପାରୁନଥିଲା। କିନ୍ତୁ ଏବେ ସେ ଅସୁବିଧା ଆଉ ରହିବ ନାହିଁ।

ଦେଖିବାକୁ ଗଲେ ଭାରତ ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ସହ ରହିଥିବା ସଂପର୍କ ବହୁ ପୁରୁଣା। ୧୯୬୦ ଦଶକର ଆରମ୍ଭରେ ୧୯୬୨ରୁ ଭାରତ-ୟୁରୋପୀୟ ଆର୍ଥିକ ଗୋଷ୍ଠୀ (ଇଇସି) ମଧ୍ୟରେ ସଂପର୍କ ସ୍ଥାପିତ ହୋଇଥିଲା। ୧୯୯୩ର ମିଳିତ ରାଜନୈତିକ ଘୋଷଣା ଏବଂ ୧୯୯୪ର ସହଯୋଗର ଘୋଷଣା ହିଁ ଦ୍ୱିପାକ୍ଷିକ ବୁଝାମଣାର ମୂଳଦୁଆ ପକାଇଥିଲା। ପରେ ୨୦୦୪ରେ ଭାରତ ଓ ୟୁରୋପୀୟ ସଂଘ ରଣନୀତିକ ସହଯୋଗୀ ହୋଇଥିଲେ। ୨୦୦୭ରୁ ଉଭୟପକ୍ଷ ଏକ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଉଦ୍ୟମ କରିଆସୁଥିଲେ। ସେଥିପାଇଁ ୨୦୦୫ରୁ ଏକ ମିଳିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଥିଲା, ଯାହା ୨୦୦୮ରେ ସଂଶୋଧିତ ରୂପ ନେଇଥିଲା। ୨୦୦୯ ଏବଂ ୨୦୧୨ରେ ଭାରତ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଶିଖର ବୈଠକର ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା। ତେବେ ୨୦୦୦ରେ ଲିସବନଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଶିଖର ବୈଠକରେ ଏଥିପାଇଁ ଯେଉଁ ଉଦ୍ୟମ କରାଯାଇଥିଲା ତାର ଫଳସ୍ୱରୂପ ୨୦୦୪ରେ ହେଗ୍‌ଠାରେ ଅନୁଷ୍ଠିତ ୫ମ ଶିଖର ବୈଠକ କାଳରେ “ରଣନୀତିକ ସଂପର୍କ” ସୃଷ୍ଟି ହୋଇଥିଲା। ବସ୍ତୁ ସେବା ଓ ପୁଞ୍ଜିନିବେଶକୁ ଦୃଷ୍ଟିରେ ରଖି ୨୦୦୭ରେ ବିସ୍ତାର-ଆଧାରିତ ବାଣିଜ୍ୟ ଓ ନିବେଶ ବୁଝାମଣା (ବିଟିଆଇଏ) ପାଇଁ ଆଲୋଚନା ଆରମ୍ଭ ହେଲା। ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରିଥିଲେ ମଧ୍ୟ ଅନେକ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଫଳରେ ଆଲୋଚନାରେ ଗତି ଏବଂ ପ୍ରଗତି ପରିଲକ୍ଷିତ ହେଉନଥିଲା। ବୌଦ୍ଧିକ ସଂପଦ ଅଧିକାର (ଆଇପିଆର), ଡାଟା ସୁରକ୍ଷା, ସେବା ଯୋଗାଣ କ୍ଷେତ୍ରରେ ଭିନ୍ନମତ ସୃଷ୍ଟିହେବା ଯୋଗୁ ଏଥିରେ ଶିଥିଳତା ଦେଖାଦେଲା। ୨୦୧୩ରେ ୟୁରୋପୀୟ ସଂଘ ଅଟୋମୋବାଇଲ, ମଦ ଉପରୁ ଭାରତ ପ୍ରବେଶ ଶୁଳ୍କ ହ୍ରାସ କରିବା ଏବଂ ୟୁରୋପୀୟ ସଂଘ ଆଇଟି ସେବା କ୍ଷେତ୍ରରେ ଡାଟାର ସୁରକ୍ଷା କରୁବୋଲି ଭାରତ ଦାବି କରିବା ପରେ ଆଲୋଚନା ଏକପ୍ରକାର ବନ୍ଦ ହୋଇଯାଇଥିଲା। ତେଣୁ ୨୦୧୩ରୁ ୨୦୨୦ ପର୍ଯ୍ୟନ୍ତ ଏକପ୍ରକାର ଦ୍ୱିପାକ୍ଷିକ ଆଲୋଚନା ବନ୍ଦ ରହିଥିଲା। ୨୦୨୧ ମଇ ମାସରେ ଦୁଇପକ୍ଷ ପୁନର୍ବାର ବନ୍ଦ ହୋଇଯାଇଥିବା ଆଲୋଚନାକୁ ଆରମ୍ଭ କରିବା ପାଇଁ ରାଜି ହୋଇଥିଲେ। ଉଭୟପକ୍ଷ ସନ୍ତୁଳିତ, ଆକାଂକ୍ଷୀ, ବହୁପକ୍ଷୀୟ ଏବଂ ପରସ୍ପର ପାଇଁ ଲାଭଦାୟକ ହେବାପରି ବୁଝାମଣା କରିବାଲାଗି ପ୍ରୟାସ କଲେ। ଫଳରେ ଜୁନ ୨୦୨୨ରେ ବ୍ରୁସେଲସଠାରେ ପୁନର୍ବାର ମୁକ୍ତ ବାଣିଜ୍ୟ ବୁଝାମଣା ନିମନ୍ତେ ଆଲୋଚନା ଆରମ୍ଭ ହେଲା। ଯେଉଁଥିରେ ନିବେଶ ସୁରକ୍ଷା ବୁଝାମଣା ଓ ଭୌଗୋଳିକ ସୂଚକାଙ୍କ ସ୍ଥାନ ପାଇଥିଲା। କିନ୍ତୁ ୨୦୨୩ରୁ ୨୦୨୫ ମଧ୍ୟରେ ହୋଇଥିବା ଆଲୋଚନା କାଳରେ ଅନେକ ବିବାଦ ପୁନର୍ବାର ଦୃଷ୍ଟିକୁ ଆସିଥିଲା। ୧୧ଥର ଆଲୋଚନା ହେବା ପରେ ୟୁରୋପୀୟ ସଂଘର କାର୍ବନ ଆଡଜଷ୍ଟମେଣ୍ଟ ମେକାନିଜିମକୁ ପରିବେଶ ରକ୍ଷା ବଦଳରେ ବାଣିଜ୍ୟ ପାଇଁ ପ୍ରତିବନ୍ଧକ ବୋଲି ଭାରତ ପକ୍ଷରୁ ମତପ୍ରକାଶ ପାଇଲା। ଭାରତ ନିଜର କୃଷିକ୍ଷେତ୍ରକୁ ଆଲୋଚନାରୁ ବାହାରେ ରଖିବାକୁ ଚାହିଁଲା। କୃଷକଙ୍କ ପାଇଁ ଏହା କରିବା ଆବଶ୍ୟକ ଥିଲା। କାରଣ ଏହି ବିଷୟକୁ ନେଇ ଭାରତ-ଆମେରିକା ମଧ୍ୟରେ ଆଜିଯାଏଁ ମୁକ୍ତ ବାଣିଜ୍ୟ ବୁଝାମଣା ହୋଇପାରିନାହିଁ। ଏହାବାଦ ଭାରତ ନିଜର ପେଷାଦାର ଲୋକଙ୍କ ପାଇଁ ୟୁରୋପରେ ମୁକ୍ତ ଚଳାଚଳ ଚାହୁଁଥିବା ସ୍ଥଳେ ୟୁରୋପୀୟ ସଂଘ ଭାରତର ଆର୍ଥିକ ଆଇନ ଏବଂ ଆଇନଗତ ସେବା ବଜାରରେ ପ୍ରବେଶ କରିବାକୁ ଚାହିଁଲେ। ଫଳରେ ମତଭେଦ ଯୋଗୁ ଆଲୋଚନା ଆଗେଇ ପାରିଲା ନାହିଁ। କିନ୍ତୁ ଉର୍ସୁଲା ୨୦୧୯ରେ ଦାୟିତ୍ୱ ନେବାପରେ ଏହି ଆଲୋଚନା ଉପରେ ଜୋରଦେଲେ। ତେଣୁ ୨୦୨୨ରୁ ପୁନର୍ବାର ଆଲୋଚନା ଆରମ୍ଭ ହେଲା। ଫେବୃଆରୀ ୨୦୨୫ରେ ଉର୍ସୁଲାଙ୍କ ଭାରତଗସ୍ତ କାଳରେ ଗୋଟିଏ ବର୍ଷ ମଧ୍ୟରେ ବୁଝାମଣା ଶେଷ କରିବାକୁ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିଲା। ଯାହା ଫଳରେ ୨୭ ଜାନୁଆରୀ ୨୦୨୬ଦିନ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ବୁଝାମଣା ଶେଷ ହେଲା। ଭାରତର ୯୯.୪୫ ପ୍ରତିଶତ ରପ୍ତାନୀ ହେଉଥିବା ବସ୍ତୁଗୁଡିକ ଉପରୁ ୟୁରୋପୀୟ ସଂଘ ପ୍ରବେଶ ଶୁଳ୍କ ଉଠାଇ ନେବାକୁ ରାଜି ହୋଇଥିଲାବେଳେ ଭାରତ ୟୁରୋପୀୟ କାର ଉପରୁ ୧୧୦ ପ୍ରତିଶତରୁ ୧୦ ପ୍ରତିଶତକୁ ଏବଂ ମଦ ଉପରୁ ପ୍ରବେଶ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିଲା। ତେବେ ଯାନବାହନ କ୍ଷେତ୍ରରେ ଭାରତ ଧୀରେ ଧୀରେ ୟୁରୋପର ୧୫୦୦୦ ଡଲାରରୁ ଅଧିକ ମୂଲ୍ୟର କାର୍ ଉପରୁ ଶୁଳ୍କ ହ୍ରାସ କରିବାକୁ ମତ ଦେଇଥିଲା। ଭାରତ ମଦ ଏବଂ ସ୍ପିରିଟ୍ ଉପରୁ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିଲେ ମଧ୍ୟ କୃଷି ଓ ଦୁଗ୍ଧଜାତ ଦ୍ରବ୍ୟ କ୍ଷେତ୍ର ଆଲୋଚନାର ବାହାରେ ରଖିଥିଲା। ବୁଦ୍ଧିମତ୍ତା ସୁରକ୍ଷା ପାଇଁ ଉଚ୍ଚସ୍ତରୀୟ ବ୍ୟବସ୍ଥା ଭାରତ କରିଥିଲା ବେଳେ ୟୁରୋପୀୟ ଦାବି ଏବଂ ଭାରତର ଆଇନ ମଧ୍ୟରେ ରହିଥିବା ଦୂରତାକୁ ହ୍ରାସ କରାଯିବାକୁ ସ୍ଥିର ହୋଇଥିଲା।

ଭାରତ-ୟୁରୋପୀୟ ସଂଘ ମଧ୍ୟରେ ବୁଝାମଣା ପାଇଁ ଦୀର୍ଘ ୨୨ ବର୍ଷ ଧରି ଆଲୋଚନା ହୋଇଆସୁଥିଲେ ମଧ୍ୟ ବିଳମ୍ବିତ ହେବାର ପ୍ରକୃତ କାରଣ କଣ ରହିଥିଲା ଏହା ଏକ ବଡ ପ୍ରଶ୍ନ। ବୁଝାମଣାକୁ ବିଳମ୍ବିତ କରିବାକୁ ଦୁଇପକ୍ଷଙ୍କ ମଧ୍ୟରେ ବିଶ୍ୱାସଗତ ଦୁର୍ବଳତାକୁ ସାଧାରଣତଃ ଦାୟୀ କରାଯାଇପାରେ। ହେଲେ ବିଶ୍ୱ ବାଣିଜ୍ୟିକ କ୍ଷେତ୍ରରେ ଅନେକଗୁଡିଏ କାରଣ ଏହି ଆଲୋଚନାର ଗତିପଥରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ। ସିଧାସଳଖ କହିଲେ ଏହି ବୁଝାମଣା ଦୁଇପକ୍ଷ ଲାଭ ପାଇବାକୁ ଥିଲାବେଳେ ଅନେକ ବାହାର ପକ୍ଷଙ୍କ କ୍ଷତି ହେବା ନିଶ୍ଚିତ ଥିଲା। ଏହି ଦୁଇପକ୍ଷ ହେଲେ ଚୀନ ଏବଂ ଆମେରିକା। ଆମେ ଯଦି ଦେଖିବା ୟୁରୋପୀୟ ସଂଘର ଏହି ଦୁଇରାଷ୍ଟ୍ର ସବୁଠୁ ଅଧିକ ବାଣିଜ୍ୟ କରିଥାନ୍ତି। ଆମେରିକାର ପ୍ରଭାବ ୟୁରୋପୀୟ ରାଷ୍ଟ୍ରଗୁଡିକ ଉପରେ ଅଧିକ ଥିଲାବେଳେ ଚୀନ ଯୋଗାଣପାଇଁ ୟୁରୋପରେ ଭାରତକୁ ଅଟକାଇବାକୁ ଚାହୁଁଥିଲା। ଯାହାଫଳରେ ଆମେ ଦେଖିବା ଯେ ୨୦୦୪ ପରଠାରୁ ଚୀନର ପ୍ରତିବର୍ଷର ବାଣିଜ୍ୟ ବୃଦ୍ଧି ପାଇ ଆସିଛି। ୟୁରୋପୀୟ ସଂଘ ସହ ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ପ୍ରଥମ ପାଞ୍ଚଟି ସ୍ଥାନରେ ଆମେରିକା, ବ୍ରିଟେନ, ଚୀନ, ସ୍ୱିଜରଲାଣ୍ଡ, ତୁର୍କୀ ରହିଛନ୍ତି। ୨୦୨୪ର ହିସାବରେ ଭାରତ ଏହି ତାଲିକାର ୮ମ ସ୍ଥାନରେ ରହିଥିଲା। ୟୁରୋପୀୟ ସଂଘ ସହ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରଗୁଡିକର ଯୋଗାଯୋଗ ମାର୍ଗ ଭାରତ ତୁଳନାରେ ଅନ୍ୟମାନଙ୍କର ଭଲ ରହିଛି। କେହି ସ୍ଥଳମାର୍ଗରେ କିମ୍ବା କେହି ଜଳମାର୍ଗରେ ନିଜର ଯୋଗାଣ ପଥକୁ ସୁଦୃଢ କରିଛନ୍ତି। ଭାରତ ନିଜର ବାଣିଜ୍ୟ ଦୃଷ୍ଟିରୁ ୟୁରୋପୀୟ ସଂଘକୁ ଦ୍ୱିତୀୟ ସ୍ଥାନରେ ରଖିଛି। ମଧ୍ୟ ପ୍ରାଚ୍ୟ ସହ ବାଣିଜ୍ୟ ଭାରତର ସର୍ବାଧିକ ଥିଲାବେଳେ ୟୁରୋପ ଦ୍ୱିତୀୟ ସ୍ଥାନରେ ରହିଛି। ମୁକ୍ତ ବାଣିଜ୍ୟ କ୍ଷେତ୍ରରେ ଆମେରିକା ଏବଂ ଚୀନ ଭାରତର ଆର୍ଥିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ ଥିବା ଯୋଗୁ ଚୀନ ଭାରତର ପଡୋଶୀ ରାଷ୍ଟ୍ରଗୁଡିକରେ ଭାରତର ବାଣିଜ୍ୟିକ ସଂପର୍କକୁ ସଂକୁଚିତ କରିବାକୁ ସକ୍ଷମ ଯେପରି ହୋଇଛି, ସେହିପରି ୟୁରୋପରେ ମଧ୍ୟ ଭାରତର ବାଣିଜ୍ୟିକ ମାର୍ଗକୁ ରୋକିବାକୁ ପ୍ରୟାସ କରିଆସିଛି। ତୁଳନାତ୍ମକ ଦୃଷ୍ଟିରୁ ଭାରତରେ ପ୍ରସ୍ତୁତ ଅନେକ ଦ୍ରବ୍ୟ ଚୀନ ତୁଳନାରେ ବଜାରରେ ସ୍ଥାୟୀ ହୋଇଥିଲେ ମଧ୍ୟ ଭାରତ ଆଜିଯାଏଁ ପ୍ରତିବନ୍ଧକକୁ ସାମ୍ନା କରୁଛି।

ଆଜି ପ୍ରତ୍ୟେକ ରାଷ୍ଟ୍ର ଅନ୍ୟରାଷ୍ଟ୍ର ଉପରେ କୌଣସି ନା କୌଣସି କାରଣ ଯୋଗୁ ନିର୍ଭରଶୀଳ। କିଏ ପ୍ରାକୃତିକ ସଂପଦ ଦୃଷ୍ଟିରୁ, କିଏ ଯୋଗାଣ ଦୃଷ୍ଟିରୁ କିମ୍ବା କିଏ ଉତ୍ପାଦନ ଦୃଷ୍ଟିରୁ ଅନ୍ୟରାଷ୍ଟ୍ର ଉପରେ ନିର୍ଭର କରୁଛନ୍ତି। ସେହିଦୃଷ୍ଟିରୁ ଦେଖିଲେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଏହି ବାଣିଜ୍ୟିକ ମାର୍ଗ ମୁକ୍ତ ହେବା ଆବଶ୍ୟକ ଥିଲା। ଅତୀତରେ ୧୭୫୦ ପର୍ଯ୍ୟନ୍ତ ଭାରତର ବୈଦେଶିକ ବାଣିଜ୍ୟ ବିଶ୍ୱବ୍ୟାପି ଥିବା ସହ ମୋଟ ବିଶ୍ୱବାଣିଜ୍ୟର ଏକ ତୃତୀୟାଂଶ ରହିଥିଲା। କିନ୍ତୁ ୟୁରୋପରେ ଶିଳ୍ପ ବିପ୍ଳବ, ୟୁରୋପୀୟ ରାଷ୍ଟ୍ରମାନଙ୍କର ଭାରତର ଭିନ୍ନ ଭିନ୍ନ ସ୍ଥାନରେ ଶାସନ ପାଇଁ ଯୁଦ୍ଧ ଏହି ବାଣିଜ୍ୟିକ ସଂପର୍କକୁ କ୍ଷତି ପହଞ୍ଚାଇଥିଲା। ଯାହାଫଳରେ ଭାରତବାସୀ ନିଜେ ଲୁଣ ଉତ୍ପାଦନ କରୁଥିଲେ ମଧ୍ୟ ବିଦେଶୀ ଲୁଣ ଏବଂ ବିଦେଶୀ କପଡା କିଣିବାକୁ ବାଧ୍ୟ ହୋଇଥିଲେ। ସ୍ଥାନୀୟ କାରିଗରମାନେ, ସ୍ଥାନୀୟ ଉତ୍ପାଦକମାନେ ଶସ୍ତାରେ ଉତ୍ପାଦନ କରିବାକୁ ସକ୍ଷମ ଥିଲେ ମଧ୍ୟ ବିଦେଶୀଙ୍କ କଟକଣା ପାଇଁ କରିପାରୁନଥିଲେ। ଦୁଇଶହ ବର୍ଷର ଏହି ଅବ୍ୟବସ୍ଥା ଯୋଗୁ ଭାରତର ଘରୋଇ କୁଟୀର ଶିଳ୍ପଗୁଡିକ ନଷ୍ଟ ହୋଇଥିଲା। ସ୍ୱାଧୀନତା ପରେ ଉତ୍ପାଦନ ବୃଦ୍ଧି ଏବଂ ବିଶ୍ୱବାଣିଜ୍ୟ ପ୍ରତି ଦୃଷ୍ଟି ଦେବାରେ ବିଳମ୍ବ ହେଲା। କୂଟନୀତିକ ସଂପର୍କ ଦୁର୍ବଳ ହେବା ଯୋଗୁ ଭାରତର ପ୍ରଗତି ଚୀନ ତୁଳନାରେ ବହୁପଛରେ ପଡିଗଲା। ଗତ ତିରିଶବର୍ଷ ମଧ୍ୟରେ ବାଣିଜ୍ୟିକ କ୍ଷେତ୍ରରେ ଚୀନ ପ୍ରତିବର୍ଷ ପ୍ରଗତିକରି ଭାରତକୁ ବହୁତ ପଛରେ ପକାଇଦେଲା। ରାଜନୈତିକ ଅସ୍ଥିରତା, ଶାସନ କ୍ଷେତ୍ରରେ ମେଣ୍ଟ ସରକାରର ବାଧ୍ୟବାଧକତା ଏବଂ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱର ଅଭାବ ହେତୁ ୧୯୭୫ରୁ ୧୯୧୪ ପର୍ଯ୍ୟନ୍ତ ଭାରତ ବିକାଶ ଦୌଡରେ ପଛରେ ପଡି ରହିଲା।

କିନ୍ତୁ ୨୦୧୪ରେ କେନ୍ଦ୍ରରେ ଏକ ସ୍ଥିର ଏବଂ ସଶକ୍ତ ନେତୃତ୍ୱଯୁକ୍ତ ସରକାର ଆସିବା ପରଠାରୁ ଭାରତ ଅନେକ କ୍ଷେତ୍ରରେ ନିଜସ୍ୱ ନିଷ୍ପତ୍ତି ନେଲା। ସେମିତି ୨୦୧୩ଠାରୁ ଶିଥିଳ ହୋଇ ପଡିଥିବା ୟୁରୋପୀୟ ସଂଘ ସହ ବାଣିଜ୍ୟିକ ଆଲୋଚନା ଆରମ୍ଭକଲା। ୟୁରୋପୀୟ ସଂଘ ପାଇଁ ଏହି ବୁଝାମଣା ମଧ୍ୟ ଆବଶ୍ୟକ ରହିଥିଲା। ୨୦୧୩ରେ ୟୁରୋପୀୟ ସଂଘ ୧୫ରାଉଣ୍ଡ ଆଲୋଚନା ପରେ ଭାରତର ଆଇନଗତ ବ୍ୟବସ୍ଥା ଏବଂ ସୁଯୋଗକୁ ପ୍ରତ୍ୟାଖ୍ୟାନ କରି ଆଲୋଚନାକୁ ବନ୍ଦ ରଖିଥିଲା। ୨୦୧୫ରେ ସାମୁଦ୍ରିକ ଘଟଣାବଳୀକୁ କେନ୍ଦ୍ରକରି ୟୁରୋପର ପାର୍ଲିଆମେଣ୍ଟ ପ୍ରସ୍ତାବ ଆଣିବା ପରେ କୂଟନୀତିକ ବିଶ୍ୱାସ ଦୁର୍ବଳ ହୋଇଥିଲା। ୨୦୧୬ରୁ ୨୦୧୯ ମଧ୍ୟରେ ଆଲୋଚନା ଆରମ୍ଭ କରାଯିବା ଲାଗି ପ୍ରୟାସ ହୋଇଥିଲା। କିନ୍ତୁ ଶ୍ରମିକ ଏବଂ ପରିବେଶକୁ କେନ୍ଦ୍ରକରି ୟୁରୋପୀୟ ସଂଘର ବିଚାରକୁ ଭାରତ ବିରୋଧ କଲା। କୋରୋନା କାଳରେ ୟୁରୋପରେ ଭୟାବହ ମୃତ୍ୟୁ, ଟୀକାଯୋଗାଣରେ ଅବ୍ୟବସ୍ଥା ଏବଂ ପରେ ୟୁକ୍ରେନ- ରୁଷିଆ ଯୁଦ୍ଧ ଏହି ଆଲୋଚନାକୁ ବିଳମ୍ବିତ କରିଥିଲେ ମଧ୍ୟ ବାସ୍ତବତା ଆଡକୁ ଟାଣି ଆଣିଥିଲା। ୟୁରୋପୀୟ ସଂଘରୁ ବ୍ରିଟେନ ଅଲଗା ହେବା ଘଟଣା ପରେ ୟୁରୋପୀୟ ସଂଘ ନିଜସ୍ୱ ବାଣିଜ୍ୟିକ ନୀତି ପ୍ରସ୍ତୁତି ପାଇଁ ଚିନ୍ତିତ ଥିଲା। ଉର୍ସୁଲା ୟରୋପୀୟ ସଂଘର ଦାୟିତ୍ୱ ଗ୍ରହଣ କରିବାପରେ ଅଧିକ ସକ୍ରୀୟତା ସହ କାର୍ଯ୍ୟକଲେ। ଫେବୃଆରୀ-ଜୁଲାଇ ୨୦୨୫ ମଧ୍ୟରେ ୨୪ଟି ପର୍ଯ୍ୟାୟରୁ ୨୦ଟି ପର୍ଯ୍ୟାୟ ଆଲୋଚନା ଶେଷ ହୋଇଥିଲା। ଏହି ସମୟରେ ଟ୍ରମ୍ପଙ୍କ ବିଶ୍ୱବ୍ୟାପି ଶୁଳ୍କ କଟକଣା ନୀତି ଘୋଷଣା ଯୋଗୁ ୟୁରୋପୀୟ ସଂଘ ଭାରତ ସହ ଆଲୋଚନାକୁ ଆଗେଇ ନେବା ପାଇଁ ବାଧ୍ୟ ହୋଇଥିଲା।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## କୋରାପୁଟ ଜିଲ୍ଲାପାଳଙ୍କ କୁନ୍ଦୁରା ଗସ୍ତ



କୁନ୍ଦୁରା, (ମହାଭାରତ) : ଆଜି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ କୁନ୍ଦୁରା ଗସ୍ତ ରେ ଆସି ବିଭିନ୍ନ ସ୍ଥାନରେ ପରିଦର୍ଶନ କରିଥିଲେ। ପ୍ରଥମେ ନୂଆଗୁଡ଼ା ଗ୍ରାମର ଛତୁ ଚାଷ ଓ ମାଣ୍ଡିଆ ମଣ୍ଡି, କୁମ୍ଭାରଗୁଡ଼ା କୁମ୍ଭାର ପରିବାର ମାନଂକ ହାତ ତିଆରି ହୋଇଥିବା ସାମଗ୍ରୀ, ଫୁକିଆଗୁଡ଼ା ର ବନ ସୁରକ୍ଷା ସମିତି ଗୃହ , ପାଣ୍ଡରିପାଣି ଗ୍ରାମର ଭୋଗ ମଣ୍ଡପ, ବର୍ମାଗୁଡ଼ାର ଅଙ୍ଗନୱାଡି ଓ ପ୍ରାଥମିକ ବିଦ୍ୟାଳୟ, ଗାଡ଼ଗୁଣ୍ଡାଲର ଅଙ୍ଗନୱାଡି ତତ୍ ସହିତ ବିଜୁ ପଟନାୟକ ସ୍ନାତକ ମହା ବିଦ୍ୟାଳୟ ଓ ଶେଷରେ କୁତୁମ୍ ପଦର ଯାଇଥିଲେ। ଏସବୁ ଗସ୍ତ କରି ଜିଲ୍ଲାପାଳ ଲୋକ ମାନଙ୍କୁ କିଭଳି ସହଜରେ କାର୍ଯ୍ୟ କରିପାରିବେ ସେଥିପାଇଁ କୁମ୍ଭାରଗୁଡ଼ା କୁମ୍ଭାର ପରିବାର ଯେପରି ସହ ଜରେ ମେସିନ ଦ୍ୱାରା ଡିଜାଇନ୍ କରି ପାରିବେ ଓ ଭଲ ଦର ରେ କିପରି ବିକ୍ରି କରିପାରିବେ ସେଥି ପ୍ରତି ଗୁରୁତ ଦେବା ସହିତ ବଜାରିକରଣ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଅଙ୍ଗନୱାଡି ଓ ସ୍କୁଲ ର କିଭଳି ଉନ୍ନତି ହୋଇ ପାରିବ ତାର ମଧ୍ୟ ସମୀକ୍ଷା କରିଥିଲେ ।

## ଶିକାରୀ ବନ୍ଧୁକରୁ ଗୁଳି ଫୁଟି ଆଖିରେ ଗୁଳି ବାଜି ଯୁବକ ଗୁରୁତର

କରଞ୍ଜିଆ, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଦିରିବ ଗ୍ରାମ ଓ ଦାନୁଆ ବାଲିପୋଷି ଗ୍ରାମ ମଧ୍ୟରେ ଥିବା ଏକ ପୋଲ ନିକଟରୁ ଶୁକ୍ରବାର ସକାଳେ ମୁର୍ମଷ ଅବସ୍ଥାରେ ପଡି ରହିଥିବା ଜଣେ ଯୁବକ ଉଦ୍ଧାର ହୋଇଛନ୍ତି ।ଉଦ୍ଧାର ହୋଇଥିବା ଯୁବକ ଜଣକ ଦାନୁଆଁ ବାଲିପୋଷି ଗ୍ରାମର ସନ୍ତୋଷ ମହାନ୍ତ(୪୦) ବୋଲି ଜଣା ପଡ଼ିଛି ।ତାଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇ ଥିବା ବେଳେ ତାଙ୍କର ଡାହାଣ ଆଖିରେ ଗୁଳି ବାଜି ଥିବାର ଜଣାପଡ଼ିଛି। ସେଠାରେ ତାଙ୍କର ଚିକିତ୍ସା ପରେ ମୁର୍ମୁଷ ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନା କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଛି ।ଘଟଣା ସ୍ଥଳକୁ ଯାଇ ଠାକୁରମୁଣ୍ଡା ଥାନା ପୋଲିସ ତଦନ୍ତ କରୁଛି ।ମିଳିଥିବା ପ୍ରାଥମିକ ସୂଚନା ରୁ ଜଣାପଡିଛି ଯେ ଦିରିବ ଗ୍ରାମରେ ଜୈନିକ ବ୍ୟକ୍ତି ଙ୍କ ଏକ ଇଟା ଭାଟି କୁ ଗୁରବାର ରାତିରେ ନିଆଁ ଲଗାଇବାକୁ କେତେଜଣ ଯାଇ ଥିଲେ ।ସେଠାକୁ ମଧ୍ୟ ଦାନୁଆ ବାଲିପୋଷି ଗ୍ରାମର ସନ୍ତୋଷ ଯାଇଥିଲେ ।କିନ୍ତୁ ଶୁକ୍ରବାର ସକାଳେ ତାଙ୍କୁ ଗୁରୁତର ଅବସ୍ଥାରେ ରାସ୍ତା କଡରେ ପଡ଼ି ଥିବାର ସ୍ଥାନୀୟ ଲୋକେ ଦେଖିବା ପରେ ସୂଚନା ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ରାତିରେ ଜନ୍ତୁ ଶିକାର ଉଦେଶ୍ୟ ରେ ବ୍ୟବହୃତ ବନ୍ଧୁକ ରୁ ଗୁଳି ଫୁଟି ତାଙ୍କ ଆଖି ରେ ବାଜିଥିବା ର ପୋଲିସର ପ୍ରାଥମିକ ତଦନ୍ତ ରୁ ଜଣା ପଡ଼ିଛି ।ପୋଲିସ ବ୍ୟବହୃତ ବନ୍ଧୁକ କୁ ଉଦ୍ଧାର କରିଥିବା ବେଳେ ସନ୍ତୋଷ ସହିତ ରାତିରେ ଥିବା ଅନ୍ୟ ବ୍ୟକ୍ତି ମାନଙ୍କୁ ଆଣି ଥାନାରେ ପଚରା ଉଚରା କରୁଛି ।ଏ ସଂକ୍ରାନ୍ତରେ ସନ୍ତୋଷ ଙ୍କ ବାପାଙ୍କ ପକ୍ଷରୁ ଥାନା ରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୧୩ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କେନ୍ଦୁଝରରେ ଜନଗଣନା ପାଇଁ ପ୍ରସ୍ତୁତି

କେନ୍ଦୁଝର, (ମହାଭାରତ): ଆସନ୍ତା 'ଜନଗଣନା-୨୦୨୭'କୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିର ରେ ଯୋଗ ଦେଇଥିବା ସମସ୍ତ କର୍ମଚାରୀ ମାନଙ୍କୁ ସହକାରୀ ନିର୍ଦ୍ଦେଶକ, ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ଉମାଶଙ୍କର ସାହୁ, ପରିସଂଖ୍ୟାନ ଅନୁସନ୍ଧାନକାରୀ ବସନ୍ତ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ 'ଗୃହ ତାଲିକାକରଣ ଓ ଗୃହ ଗଣନା'ର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଜନଗଣନା ସମ୍ବନ୍ଧିତ ବିଷୟ ଉପରେ ତାଲିମ ପ୍ରଦାନ କରିଥିଲେ। ବୈଠକରେ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା, ହୋଇଥିବାରୁ ଏଥିରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ସେଲ୍ଫ ଏନ୍ୟୁମେରେସନ୍, ସାଧାରଣ ଜନତାଙ୍କ ସୁବିଧା ପାଇଁ ୦୧ ଏପ୍ରିଲ ୨୦୨୬ରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ହେବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ । ମୋବାଇଲ ଆପ୍ ବ୍ୟବହାର ଏବଂ 'ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ' ସମ୍ପର୍କରେ ସମସ୍ତ ଚାର୍ଜ ଅଧିକାରୀଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳେଇ, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧ୍ୱ ସୁନା, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା,ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ ଓ ଜିଲ୍ଲାର ସମସ୍ତ ତହସିଲଦାର ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ । ଜନଗଣନା କାର୍ଯ୍ୟକୁ ସଠିକ୍ ସମୟରେ ଓ ନିର୍ଭୁଲ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ମୃତ୍ତିକା ସଂରକ୍ଷଣ ତଥା ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଫିସର କାର୍ଯ୍ୟରତ କର୍ମଚାରୀ ବଦଳି କେବେ ?

ଗଜପତି, (ମହାଭାରତ): ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଥିବ ମୃତ୍ତିକା ସଂରକ୍ଷଣ ତଥା ଜଳ ଛ ।ୟ ପ୍ରକଳ୍ପ ନିର୍ଦ୍ଦେଶକ ଅଫିସ ରେ କାର୍ଯ୍ୟ ରତ କର୍ମଚାରୀଙ୍କ ବଦଳି ଦୀର୍ଘ ବର୍ଷ ହେବ ବଦଳି ହଉ ନାହିଁ। କ୍ଷେତ୍ର କର୍ମଚାରୀ କୁହ ଅଫିସ କର୍ମଚାରୀ କୁହ ଦୀର୍ଘ ବର୍ଷ ହେଲା ବଦଳି ହଉ ନାହିଁ। ସରକାରୀ ନିୟମ କୁ ଏଠାରେ ଫୁ କରାଯାଉଛି। ବିଭାଗ ର ଅଧିକାରୀ ସବୁ ଜାଣି ଚୁପ୍ ବସିଛନ୍ତି , ଜିଲ୍ଲା ପ୍ରଶାସନ କୁ ମଧ୍ୟ ଅବ ଗ ତ କରୁନାହାଁନ୍ତି ନା ଜାଣି ଶୁଣି ଜିଲ୍ଲା ପ୍ରସା ସନ୍ ଏମାନଙ୍କୁ ବଦଳି କରୁ ନାହାନ୍ତି। ନା ଏଠାରେ ଅଦୃଶ୍ୟ ଶକ୍ତି କାମ କରୁଛି। ନା ଏଠାରେ ରାଜନୀତିକ ପ୍ରଭାବରେ ଏପରି ଅବସ୍ଥା। ନ। ନିର୍ଦ୍ଦେଶକ ଅଫିସରେ ଏମାନଙ୍କ ର ଲମ୍ବା ହାତ ରହିଛି। ଜିଲ୍ଲା ବାସୀଙ୍କୁ ଚକିତ କରିଛି। ସରକାର ଙ୍କ ନିୟମ ତିନି ବର୍ଷ କିନ୍ତୁ ଏଠାରେ ଦୀର୍ଘ ବର୍ଷ ହେଲା କାର୍ଯ୍ୟ ରତ ଅଛନ୍ତି କର୍ମଚାରୀ ସରକାରୀ ଯୋଜନା ସୁଫଳ ହେବ କିପରି ସ୍ୱଚ୍ଛତା ଉପରେ ପ୍ରଶ୍ନ ।ଚି ସୃଷ୍ଟି କରିଛି। ଲୋକଙ୍କ ସରକାର ରେ ଏପରି ଅବସ୍ଥା ତେବେ ଲୋକେ ଗୁହାରି କରିବେ କାହାକୁ। ଗଣତନ୍ତ୍ର ଶାସନରେ ଏପରି ବ୍ୟବସ୍ଥା । ସୋଭାନୀୟ ନୁହେଁ। ଏଠାରେ କାର୍ଯ୍ୟରତ କର୍ମ ଚାରି ଲୋକାଲ ଲୋକ ହୋଇଥିବାରୁ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଚିକି ବୋଲି ସାଧାରଣ ରେ ମତ ପ୍ରକାଶ ପାଇଛି। ଅଫିସ ଦୁର୍ନୀତିର ଗନ୍ତା। ଘର୍ ପାଲଟିଛି ବୋଲି ଅଭିଯୋଗ ହଉଛି।

# ଜିଲ୍ଲାସ୍ତରୀୟ ଡାହାଣୀ ପ୍ରଥା ନିଷେଧ ସଚେତନତା କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଡାହାଣୀ ପ୍ରଥା ନିଷେଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନୀଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ମାଧବ ନନ୍ଦ ନାୟକ, ଆଇନ ସେବା ପ୍ରାଧିକରଣ ସଭାପତି ଶ୍ରୀ ବିମଳ ରାଉଳ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରାଣ ରଞ୍ଜନ ନାୟକ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନୋରମା ଦେବୀ , ଆଇନ ଯିବି ଶ୍ରୀ ପ୍ରମୋଦ ରାଉଳ ପ୍ରମୁଖ ମଞ୍ଚାସିନ ରହି ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରଥାକୁ ସଚେତନତା କରି ଅନ୍ଧ ବିଶ୍ୱାସ ଦୁରକିବାକୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଗଣ ସଚେତନତା ବାର୍ତ୍ତା ମାଧ୍ୟମରେ କହିଥିଲେ ଯେ ପ୍ରାଚୀନ ଯୁଗରେ ଗୁଣିଗାରେଡ଼ି, ଯାଦୁବିଦ୍ୟା, ତନ୍ତ୍ରସାଧନ, ଝଡ଼ାଫୁଙ୍କା ଆଦି ଅନ୍ଧବିଶ୍ୱାସ ଉପରେ ଲୋକମାନେ ଅଧିକ ବିଶ୍ୱାସ କରୁଥିଲେ। ଏବେ ବିଜ୍ଞାନର ଅଗ୍ରଗତି ପରେ ମଧ୍ୟ କେତେ ଲୋକଙ୍କ ମନରୁ ଏହି ଅନ୍ଧବିଶ୍ୱାସ ଦୂର ହୋଇପାରୁନାହିଁ। ଫଳରେ ଏହାକୁ ନେଇ ବିଭିନ୍ନ ପ୍ରକାର ଅପରାଧ ବୃଦ୍ଧି ପାଉଛି। ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଯୋଗୁ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି, ଯାହା ଚିନ୍ତାର ବିଷୟ ହୋଇଛି। ପୂର୍ବରୁ ଉପାନ୍ତ ଅଞ୍ଚଳରେ ଏଭଳି ଘଟଣା ନଜରକୁ ଆସୁଥିଲା। ହେଲେ ଏବେ ଅନ୍ୟ ଜିଲ୍ଲାଗୁଡ଼ିକ ଅପେକ୍ଷା ଆମ ଜିଲ୍ଲାରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳୁଛି। କେତେବେଳେ ତନ୍ତ୍ର ସାଧନ ପାଇଁ ନିରୀହ ଶିଶୁଙ୍କୁ ବଳି ଚଢ଼ାଯାଉଛି ତ ଆଉ କେତେବେଳେ ତନ୍ତ୍ର ସାଧନ କରୁଥିବା ବ୍ୟକ୍ତିଙ୍କୁ ଗୁଣିଆ କହି ହତ୍ୟା କରାଯାଉଛି। ଗୁଣିଗାରେଡ଼ି ଯୋଗୁ ଏଭଳି ହିଂସାକାଣ୍ଡ ଘଟୁଥିବାରୁ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରୁଛି। ବିଭିନ୍ନ ଅଞ୍ଚଳରେ ଲୋକଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଠିକ୍ ଭାବେ ପହଞ୍ଚୁ



ପାରିନାହିଁ। ତେଣୁ ଲୋକମାନଙ୍କ ମଧ୍ୟରେ ପାରମ୍ପାରିକ ଅନ୍ଧବିଶ୍ୱାସ ଆଦି ରହିଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସହ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀର ପ୍ରସାର କରାଇପାରିଲେ ଏହି ଅନ୍ଧବିଶ୍ୱାସ ଦୁର ହୋଇ ପାରିବ। ସେହିପରି ଏହା ବିରୋଧରେ ରହିଥିବା ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବା ଦରକାର। ତୃଣମୂଳସ୍ତର ଠାରୁ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ। ସେହିପରି ଶିକ୍ଷାର ବିକାଶ ହେବା ସହିତ ସଚେତନତା ହେଲେ ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରତି ଲୋକଙ୍କ ଦୂର ହୋଇପାରିବ। ଗ୍ରାମାଞ୍ଚଳରେ ବିଶେଷ କରି ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଏହା ଏବେ ବି ଏକ ଭୟଙ୍କର ସମସ୍ୟା ହୋଇ ରହିଛି। ଗୁଣିଗାରେଡ଼ିକୁ ନେଇ କେବଳ ହତ୍ୟା ବା ଶାରୀରିକ ଆକ୍ରମଣ ହିଁ ହେଉନି। ବରଂ ଗୁଣିଆ ବା ଡାହାଣୀ ବୋଲି ସନ୍ଦେହରେ ସମ୍ପୃକ୍ତ ବ୍ୟକ୍ତିକୁ ସାମାଜିକ ବାସନ୍ଦ, ଜୋରିମାନା, ଗାଁରୁ ତଡ଼ିଦେବା, ମୁଣ୍ଡ ଲଣ୍ଡା କରିବା, ଦାନ୍ତ ଭାଙ୍ଗିବା , ପଶୁଙ୍କ ମଳକୁ ଜବରଦସ୍ତ ପୂରାଇବା ଆଦି ଅନେକ ଘଟଣା ବି ଘଟୁଛି, ଯାହାକି ଅନେକ ସମୟରେ ରିପୋର୍ଟ ଲୋକ ଲଚନକୁ ଆଶି ପାରୁନି। ଅନେକ କ୍ଷେତ୍ରରେ ଲୋକଙ୍କ ଅସଚେତନତା ର ଅଭାବ ରହିଛି । ଆମ ସମାଜରେ ବିଶେଷ କରି ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଆଜି ବି ଅଶିକ୍ଷିତ ଅଛନ୍ତି ତେଣୁ ଶିକ୍ଷାର ଅଭାବରୁ ଗୁଣିଗାରେଡ଼ି, ଡାହାଣୀ ପ୍ରଥା ଆଦି ଅନ୍ଧ ବିଶ୍ୱାସରୁ ସେମାନେ ମୁକ୍ତ ହୋଇପାରି ନାହାନ୍ତି। ସେମାନଙ୍କ ମନରେ ଥିବା ଏହି ଅହେତୁକ ବିଶ୍ୱାସକୁ ଦୂର କରି ବୈଜ୍ଞାନିକ ମନୋଭାବ ଜାଗ୍ରତ କରିବା ଓ ବୈଜ୍ଞାନିକ ମନୋଭାବକୁ ବଢ଼େଇବା ପାଇଁ ବହୁ ମାତ୍ରାରେ ସଚେତନତା ଆବଶ୍ୟକ ରହିଅଛି । ଆମ ଜିଲ୍ଲାରେ ସମସ୍ତ ବ୍ଲକ,ଗ୍ରାମପଞ୍ଚାୟତ ଓ ଗ୍ରାମ ଗୁଡିକରେ ସ୍ଥାନୀୟ ଜନପ୍ରତିନିଧି , ସିଡ଼ିପିଓ, ସୁପରଭାଇଜର, ଅଙ୍ଗନ୍ୱାଡ଼ି ଓ ଆଶା କର୍ମୀଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ । ଅନ୍ଧବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ, ସଚେତନ ହୁଅନ୍ତୁ,ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ କାହାରି କ୍ଷତି କରନ୍ତୁ ନାହିଁ,ଜାଣିଶୁଣି ଆଇନ୍‌କୁ ହାତକୁ ନିଅନ୍ତୁ ନାହିଁ,କାହାରିକୁ ଅପମାନିତ କିମ୍ବା ଆକ୍ରମଣ କରନ୍ତୁ ନାହିଁ । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅଶୋକ କୁମାର ପଟ୍ଟନାୟକ, ଅନ୍ୟ ଲାଇନ୍ ବିଭାଗୀୟ ଅଧିକାରୀ ସମେତ କାର୍ଯ୍ୟକ୍ରମକୁ ମହିଳା ସୁରକ୍ଷା ଅଧିକାରୀ ଶ୍ରୀମତୀ ସାରଳା ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଙ୍ଗନୱାଡ଼ି ଓ ଆଶା କର୍ମୀ, ଏଏନମ, ସିଡ଼ିପିଓ, ସୁପରଭାଯର, ଏନଜିଓ କର୍ମକର୍ତ୍ତା,ସ୍ଥାନୀୟ ମହିଳା ଓ ଯୁବକ ଯୁବତୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯଖପୁରା ଷ୍ଟେସନରେ ଯାତ୍ରୀବାହି ରେଳ ବଗି ଲାଇନ ଚ୍ୟୁତ

ଦାନଗଦୀ, ( ମହାଭାରତ) : କଳିଙ୍ଗନଗରରେ ଦୈନିକ କିଛିନା କିଛି ଅଘଟଣ ଗତୁଥିବାବେଳେ ୫ ତାରିଖ ସକାଳ ସମୟରେ କଳିଙ୍ଗନଗର ସ୍ଥିତ ଯଖପୁରା ରେଳ ଷ୍ଟେସନ ରେ ଚେନାଇ ଜଲ ପାଇ ଗୁଡ଼ି ସୁପର ଫାଷ୍ଟ ଏକ୍ସପ୍ରେସ ର ତିନୋଟି ବଗି ଲାଇନ ଚ୍ୟୁତ ହୋଇଯାଇଥିଲା, ଅଳ୍ପେକେ ଏକ ବଡ଼ ଦୁର୍ଘଟଣା ରୁ ବର୍ତ୍ତୀ ଯାଇଛନ୍ତି ହଜାର ହଜାର ରେଳ ଯାତ୍ରୀ.. ସୂଚନା ମୁତାବକ ସକାଳ ୯.୫ ମିନିଟିରେ ଏହି ଏକ୍ସପ୍ରେସ ଟ୍ରେନଟି ପାସେଞ୍ଜର ନେଇ ଆସୁଥିବା ବେଳେ ଯଖପୁରା ଜଂକ୍ସନ ରେ ହଟାତ ଭାରସ୍ୟମ ହରାଇ ଥିଲା, ଟ୍ରେନଟି ର ଆରମ୍ଭ ରୁ ତିନି ନମ୍ବର ବଗିର ଚକ ରେଳ ଧାରଣା ତଳକୁ ଖସି ଯାଇଥିଲା, ଏପରି ଭାବେ ଟ୍ରେନ ର ଗତି ଧୀର ହେବା ବେଳେକୁ ତିନୋଟି ବଗିର ଚକ ରେଳ ଧାରଣା ରୁ ଖସି ଯାଇଥିଲା, ସଙ୍ଗେ ସଙ୍ଗେ ସ୍ ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ଷ୍ଟେସନ ରେ ଥିବା କର୍ମଚାରୀ ପହଞ୍ଚିଥିଲେ, ବଗି ରେ ଥିବା ପାସେଞ୍ଜର ଙ୍କର କୌଣସି ଅଧିକ କ୍ଷତି ହୋଇ ନ ଥିବା ବେଳେ, ସାମାନ୍ୟ ଆହତ ଯାତ୍ରୀ



ମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲ ନିଆଯାଇଥିଲା। ଘଟଣା ସ୍ଥଳରେ ରେଳ ଚଳାଚଳ କିଛି ସମୟ ବାଧାପ୍ରାପ୍ତ.. ହୋଇଥିଲା, ଦକ୍ଷିଣ ପୂର୍ବତଟ ରେଳବାଇ ର ଯଖପୁରା ଷ୍ଟେସନ ର ଅଘଟଣ ହୋଇଥିବା ଟ୍ରେନ ନମ୍ବର ୨୨୬୧୧( ନିୟୁ ଜଲ ପାଇ ଗୁଡ଼ି ଚେନାଇ ସୁପର ଫାଷ୍ଟ ଏକ୍ସପ୍ରେସ), ଭଦ୍ରକ ରୁ ଉଦ୍ଧାରକାରୀ ଦଳ ପହଞ୍ଚି ବଗି ଗୁଡିକୁ ଠିକ କରିଥିବା ବେଳେ, ସ୍ଥାନୀୟ ପୋଲିସ ଅଧିକାରୀ, ତହସିଲଦାର ରେଳ ବିଭାଗର ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରିଥିଲେ, ସ୍ଥାନୀୟ ବାସିନ୍ଦା ଙ୍କ କହିବା କଥା ଏହି ଷ୍ଟେସନରେ ହେଉଥିବା ଟ୍ରାକ କାମ ନିମ୍ନ ମାନର କାମ ଚାଲୁଥିବା ସମୟରେ କୌଣସି ଅଧିକାରୀ ତଦାରଖ କରୁନାହାନ୍ତି, ଶିଳ୍ପାଞ୍ଚଳ ର ଜଂକ୍ସନ ଷ୍ଟେସନ ହେଉଥିବା ରୁ ପ୍ରାୟ ସବୁ ସମୟରେ ମରାମତି କାମ ଚାଲେ..ଚାରି ଘଣ୍ଟା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା

## ଯୋଡ଼ାରେ ବିଶାଳ ସ୍ୱାସ୍ଥ୍ୟ ସେବା ଓ ସଚେତନତା ଶିବିର

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ସ୍ଥିତ ଟାଟା ଷ୍ଟିଲ ପ୍ରେକ୍ଷ୍ୟାଳୟ ଠାରେ ଲେବର ଏଣ୍ଡ ଇଏସଆଇ ବିଭାଗ ଅଧିନସ୍ଥ କର୍ମଚାରୀ ରାଜ୍ୟ ବିମା ଚିକିତ୍ସାଳୟ ବଡ଼ବିଲ ଓ ଯୋଡା ର ମିଳିତ ଆନୁକୁଲ୍ୟ ରେ ଏକ ବିଶାଳ ସ୍ୱାସ୍ଥ୍ୟ ସେବା ଓ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଇ ଏସ ଆଇ ଡିସପେନ୍ସାରି ର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସୁରେନ୍ଦ୍ର ନାୟକ,ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କ୍ରକରସ ଇଣ୍ଡିଆ ର ମାନବ ସମ୍ବଳ ଅଧିକାରୀ ଚକ୍ରଧର ସ୍ୱାଇଁ,ଚମ୍ପୁଆ ତାରିଣୀ ହସ୍ପିଟାଲ ର ଡାକ୍ତର ଗଣେଶ୍ୱର ମହାନ୍ତ,ଓ ଟାଟା ଷ୍ଟିଲ ମାନବ ସମ୍ବଳ ଅଧିକାରୀ ବିବେକ ବଇତଇ ଯୋଗ ଦେଇଥିଲେ । ବଡ଼ବିଲ ଓ ଯୋଡା ବୀମା ଚିକିତ୍ସାଳୟ ର ଭାର ପ୍ରାପ୍ତ ଅଧିକାରୀ ଡାକ୍ତର ଚିନ୍ମୟ ସେଶ ।ଦ୍ରି ପାତ୍ର, ଓ ଜୁନିଅର ଆସିଷ୍ଟାଣ୍ଟ ଶୁଭ୍ରଜିତ ବଳିଆରସିଂ ,ସ୍ୱାସ୍ଥ୍ୟ କର୍ମଚାରୀ ବିରେନ୍ଦ୍ର ହେମ୍ବ୍ରମ,ଝରଣା ସେଠୀ, ରାଜେନ୍ଦ୍ର କୁମାର ଦଣ୍ଡୁଆସି, ଜ୍ୟୋତିରଂଜନ ନାୟକ ପ୍ରମୁଖ ଏହି ବିଶାଳ ସ୍ୱାସ୍ଥ୍ୟ ଶିବିର ର ଆୟୋଜକ ଭାବେ ଭୂମିକା ତୁଲାଇ ଥିଲେ ।ଏହି ଶିବିରରେ ବିଭିନ୍ନ ବିଭାଗ ଯଥା ମେଡିସିନ, ସର୍ଜରୀ, ଅର୍ଥପେଡିକ, ଗାଇ ନିକ, ଅପ୍ଥାଲ୍ମଲଜୀ ପ୍ରଭୃତି ବିଭାଗ ରେ ଚିକିତ୍ସା ପ୍ରଦାନ କରାଯାଇଥିଲା ।ଏହି ଶିବିର ରେ ତାରିଣୀ ହସ୍ପିଟାଲ ରୁ ତିନି ଜଣ ଡାକ୍ତର ଓ ରାଉରକେଲା ଜୟ ପ୍ରକାଶ ହସ୍ପିଟାଲ ରୁ ଦୁଇ ଜଣ ଡାକ୍ତର,ଓ ଯୋଡା ଟାଟା ଷ୍ଟିଲ ହସ୍ପିଟାଲ ରୁ ଜଣେ ଡାକ୍ତର ଆସି ବୀମା ରେ ପଞ୍ଜିକରଣ କରିଥିବା ପ୍ରାୟ ୧୮୪ ଜଣ କାର୍ଡ ଧାରୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ନିଶୁଳ୍କ ଔଷଧ ପ୍ରଦାନ କରାଯାଇଥିଲା ।ଏହି ରାଜ୍ୟ ବୀମା ଚିକିତ୍ସାଳୟ ରେ ଯୋଡା ର ୪୪୮ ଜଣ ଓ ବଡ଼ବିଲ ର ୧୫୫୮୮ ବିଭିନ୍ନ ସରକାରୀ ଓ ବେସରକାରୀ କର୍ମଚାରୀ ପଞ୍ଜୀକୃତ ଅଛନ୍ତି ।

## ବିଭିନ୍ନ ଉନ୍ନୟନ ଯୋଜନା ମାଧ୍ୟମରେ ପଡ଼ି ରହିଥିବା ପ୍ରକଳ୍ପ ଅର୍ଥକୁ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ ନିର୍ଦ୍ଦେଶ

ଯୋଡା,୬/୨(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭା ଗୃହ ଠାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ,ଯୋଡା ବିଡ଼ିଓ ଡେ ନିସ ବେହେରା,ଉପସ୍ଥିତ ରହି ୧୯ ଟି ଗ୍ରାମ ପଞ୍ଚାୟତ ର ସରପଞ୍ଚ ,ନିର୍ବାହୀ ଅଧିକାରୀ,ମାନଙ୍କ ସହିତ ଗତ ୨୦୨୧- ୨୨ ଆର୍ଥିକ ବର୍ଷ ର ସମ୍ପୂର୍ଣ ହୋଇ ନ ଥିବା ବିଭିନ୍ନ ଯୋଜନା ଗୁଡିକ ର ସମୀକ୍ଷା କରିଥିଲେ ।ସେହି ଆର୍ଥିକ ବର୍ଷରେ ୫୧୭ ଟି ବିଭିନ୍ନ ପ୍ରକଳ୍ପ ଗୁଡିକରେ ୩ କୋଟି ୫୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନାହିଁ ।ଏହି ଅର୍ଥ କୁ ପ୍ରକଳ୍ପ ମାଧ୍ୟମରେ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଖର୍ଚ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା



।ଏତଦବ୍ୟତୀତ କାନପୁର ବୃହତ୍ ଜଳ ସେଚନ ପ୍ରକଳ୍ପ ରେ ବୁଡ଼ି ଅଞ୍ଚଳରେ ଯାଉଥିବା ବିରିକଳା, କଣ୍ଡରା,ଓ ଚମକ୍ ପୁର ଗ୍ରାମ ପଞ୍ଚାୟତ ର ବିସ୍ଥାପିତ ଗ୍ରାମବାସୀଙ୍କୁ ଭୋଟର ତାଲିକା ରୁ ନାମ କୁ ନ କାଟି ଥଇଥାନ ହୋଇ ରହୁଥିବା ଗ୍ରାମରେ ଭୋଟର ତାଲିକା ରେ ଅନ୍ତର୍ଭୁକ୍ତ କରିବା ପାଇଁ ପଞ୍ଚାୟତ ର ବି ଏଲ ଓ,ସରପଞ୍ଚ,ଏ ବି ଓ ଙ୍କୁ ବ୍ଲକ୍ ଅଧକ୍ଷ ନିର୍ଦ୍ଦେଶ ଦେଇଥିଲେ ।ବିସ୍ଥାପିତ ମାନେ ଯେପରି ଭୋଟର ତାଲିକା ରୁ ବାଦ୍ ନ ପଡନ୍ତି ,ସେ ନେଇ ନିର୍ଭୁଲ ସର୍ଭେ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆ ଯାଇ ଥିଲା ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ 'ମଞ୍ଜୀର୍ ୪.୦' ଉଦଘାଟିତ

ପାରଳାଖେମୁଣ୍ଡି, (ମହାଭାରତ): ସେଞ୍ଚୁରିଆନ୍ ବୈଷୟିକ ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟ (ସିୟୁଟିଏମ୍) ର ପାରଳାଖେମୁଣ୍ଡି କ୍ୟାମ୍ପସରେ ଆଜି ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ଦ୍ୱାରା ଆୟୋଜିତ ବାର୍ଷିକ ପ୍ରବନ୍ଧନ ଉତ୍ସବ 'ମଞ୍ଜୀର୍ ୪.୦' (ଗବଭଙ୍କବକ୍ସ ୪.୦) ମହାସମାରୋହରେ ଉଦଘାଟିତ ହୋଇଯାଇଛି। 'ଇଗ୍ନାଇଟ୍' (ଓଶଭସଷ୍ପର) ବିଷୟବସ୍ତୁ ଉପରେ ଆଧାରିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଶିକ୍ଷା କ୍ଷେତର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ଡଃ ଅନିତା ପାତ୍ର ଅଧ୍ୟକ୍ଷତା କରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ ବିଶ୍ୱବିଦ୍ୟାଳୟ କେବଳ ପୁସ୍ତକଗତ ଜ୍ଞାନ ନୁହେଁ ବରଂ ବ୍ୟବହାରିକ ଜ୍ଞାନ ଉପରେ ଗୁରୁତ୍ୱ ଦେଇଥାଏ ଏବଂ 'ମଞ୍ଜୀ' ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ବିକାଶରେ ସହାୟକ ହେବ।

# ୨୬୦ ବର୍ଷରୁ ଯେଉଁଠି ଅହରହ ଜଳୁଛି ଧୂନି

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ବଡ଼ବିଲ ଗାଁର ସନ୍ଥ ଦୟାଦାସ ପୀଠର ଆଧ୍ୟାତ୍ମିକ ଚେତନାରେ ଅନୁପ୍ରାଣିତ ଖଣ୍ଡମଣ୍ଡଳର ଶ୍ରଦ୍ଧାଳୁ । ଏଠାରେ ୪ଦିନ ଧରି ଚାଲିଥିବା କୃଷ୍ଣଲୀଳା ରାସ ମହାଯଜ୍ଞରେ କେନ୍ଦୁଝର, ସୁନ୍ଦରଗଡ଼ ଓ ପଡ଼ୋଶୀ ଝାଡ଼ଖଣ୍ଡ ର ୬୦ଟି ରାସ ସଂକୀର୍ତ୍ତନ ଦଳର ୩ହଜାର କଳାକାର ଅଂଶଗ୍ରହଣ କରି ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ କୃଷ୍ଣ ରସାମୃତ ପାନ କରାଇଥିଲେ । ଉଦଯାପନୀ ଦିବସରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ତେଲକୋଇ ବିଧାୟକ ଅଂଶଗ୍ରହଣ କରି ଉପସ୍ଥିତ ଜନତାଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ । କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କଲଣ୍ଡା ପଞ୍ଚାୟତର ବଡ଼ବିଲ ଗାଁର ସନ୍ଥ ଦୟାଦାସଙ୍କ ପୀଠ । ଗତ ୪ଦିନ ଧରି ଏଠାରେ ଭକ୍ତିମୟ ପରିବେଶ



ସୃଷ୍ଟି ହୋଇଥିଲା । ଏଠାରେ ୬୦ତମ ତ୍ରିତାପହାରୀ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ଅନୁଷ୍ଠିତ ହେବା ଅବସରରେ କେନ୍ଦୁଝର, ସୁନ୍ଦରଗଡ଼ ଓ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ୬୦ଟି ରାସ ସଂକୀର୍ତ୍ତନ ଦଳ ନିଜର କଳାନୈପୁନ୍ୟ ପ୍ରଦର୍ଶିତ କରିଥିଲେ । ଭକ୍ତିରସରେ ଭରା ସଦସ୍ୟଙ୍କର ଏହି ନୃତ୍ୟଗୀତ, ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନକୁ ଛୁଇଁଥିଲା । ଉଦଯାପନୀ ସଂଧ୍ୟାରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସନ୍ଥ ଦୟାଦାସଙ୍କ ପୀଠ ପ୍ରତି ଅଞ୍ଚଳବାସୀଙ୍କର ଆସ୍ଥା ଓ ବିଶ୍ୱାସ ର ପ୍ରତୀକ ସ୍ୱରୂପ ଏହି ମହାଯଜ୍ଞ, ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି । ଜନଶ୍ରୁତି ଅନୁଯାୟୀ, ଏଠାରେ ବହୁବର୍ଷ ପୂର୍ବରୁ ଦୟା ଦାସ ନାମରେ ଜଣେ ସନ୍ଥ ରହୁଥିଲେ । ତାଙ୍କ ସମ୍ପର୍କରେ ଖବର ପାଇ ଦୟାଦାସ ଶୂନ୍ୟରେ ସାଧନା କରୁଥିବା ଦେଖି କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ସେବେଠାରୁ ଏଠାର ଅଲିଭା ଅଗ୍ନି ପ୍ରଜ୍ୱଳିତ ହେଉଛି । ସନ୍ଥ ଦୟାଦାସଙ୍କ ପୀଠର ମାହାତ୍ମ୍ୟରେ ଅନୁପ୍ରାଣିତ ହୋଇ ଗତ ୬୦ବର୍ଷ ଧରି ଏଠାରେ ତ୍ରିତାପହାରୀ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି । ଏଥିରେ ଆଖପାଖର ଲୋକମାନଙ୍କ ସହ ଯୁବପୀଢ଼ୀ ଯୋଗଦେଇ ବିଭୂକୃପା ଲାଭ କରିଛନ୍ତି । ୪ଦିନ ଧରି ଚାଲିଥିବା ତ୍ରିତାପହାରୀ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ଓ କୃଷ୍ଣଲୀଳା ରାସ ମହାମଞ୍ଚ ଉଦଯାପିତ ହୋଇଛି । ବହୁ ବର୍ଷର ପୁରାତନ ସଂସ୍କୃତି ଓ ପରମ୍ପରାକୁ ଆଜିବି ଏଠାକାର ଲୋକେ ବଞ୍ଚାଇ ରଖିଛନ୍ତି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କ୍ରୀଡା,ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା,ସାହିତ୍ୟ ସଂକୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ସତନ୍ତ୍ର ଅତିଥି ଭାବେ କରେଇ ବିଧାୟକ ଆକାଶ ଦାସ ନାଏକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଲୋକକବି ପଦ୍ମଶ୍ରୀ ହଳଦର ନାଗ ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜ୍ୟୋତିଷାଚାର୍ଯ୍ୟ ଡଃ ଗଣପତି ପ୍ରମୁଖ ଯୋଗଦେଇ ସନ୍ଥ ଦୟାଦାସଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରି ଆସିଥିବା ଭକ୍ତ ମାନଙ୍କୁ ଉଦବୋଧନ ଦେଇଥିଲେ ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ନାବାଳିକା ଗର୍ଭବତୀ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ, ଗର୍ଭାବସ୍ଥାର ୩୦ ସପ୍ତାହରେ ବି ଗର୍ଭପାତ କରିପାରିବେ

ନାବାଳିକା ଗର୍ଭବତୀ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ । ଯଦି ପୀଡ଼ିତା ଛୁଆ ଜନ୍ମ କରିବାକୁ ଚାହୁଁ ନ ଥିବେ ତେବେ ତାଙ୍କୁ ବାଧ କରଯାଇପାରିବ ନାହିଁ । ଏମିତିକି ଗର୍ଭବସ୍ଥାର ୩୦ ସପ୍ତାହ ଅର୍ଥାତ ଶେଷ ସମୟରେ ବି ସ୍ୱଇଚ୍ଛାରେ ଗର୍ଭପାତ କରିପାରିବେ । ଜଣେ ୧୭ ବର୍ଷୀୟ ଗର୍ଭବତୀ ନାବାଳିକା ମାମଲାର ଶୁଣାଣି ଅବସରରେ ଏହି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । ବିଚାରପତି ବିଭି ନାଗାରନ୍ ଓ ବିଚାରପତି ଉଜ୍ଜ୍ୱଳ



ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । କହିଛନ୍ତି, ଜଣେ ନାବାଳିକା ଓ ସନ୍ତାନକୁ ଜନ୍ମଦେବେ କି ଗର୍ଭଧାରଣ ଜାରି ରଖିବେ କି ନାହିଁ ନାହିଁ ତାହା ପୀଡ଼ିତାଙ୍କ ସତ୍ତ୍ୱାଧିକାର ଉପରେ ନିର୍ଭରଶୀଳ । ସେହିପରି ଗର୍ଭଧାରଣ ଜାରି ରହିଲେ ମା' କିମ୍ବା ଶିଶୁର କୌଣସି କ୍ଷତି ନାହିଁ ବୋଲି ମେଡିକାଲ ରିପୋର୍ଟରେ ଦର୍ଶାଯାଇଥିଲା ।

ଯାହାର ବିଚାର କରି ମେଡିକାଲ ବୋର୍ଡକୁ ମଧ ଚେତାବନୀ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । କହିଛନ୍ତି, ନାବାଳିକା ଗର୍ଭବତୀଙ୍କ ସତ୍ତ୍ୱାଧିକାରକୁ ସମ୍ମାନ ଦିଆଯିବା ଉଚିତ । ତେବେ ପୂର୍ବରୁ ମେଡିକାଲ୍ ଟର୍ମିନେସନ୍ ଅଫ୍ ପ୍ରେଗନାନ୍ସି (ଗଞ୍ଜଚ) ଆକ୍ଟ, ୨୦୨୧ ଅନୁଯାୟୀ ଗର୍ଭପାତ ଆଇନ ଅନୁଯାୟୀ ବୈଧ । ଏହି ଆଇନ ଅନୁଯାୟୀ ଜଣେ ଡାକ୍ତରଙ୍କ ପରାମର୍ଶରେ ୨୦ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ ବୈଧ । ନାବାଳିକା, ଦୁଷ୍କର୍ମ ପୀଡ଼ିତା, ଅକ୍ଷମ ମହିଳାଙ୍କ ସମେତ ଅବିବାହିତାଙ୍କ କ୍ଷେତ୍ରରେ ଏହା ଲାଗୁ ହୋଇଥାଏ । ଏହାବାଦ ଆହୁରି କେତେକ ସ୍ୱତନ୍ତ୍ର ତଥା ଗୁରୁତ୍ୱପୂର୍ଣ୍ଣ ମାମଲାରେ ମହିଳାଙ୍କ ସୁରକ୍ଷା, ଅଧିକାର ଓ ସମ୍ମାନକୁ ଭିତ୍ତି କରି ପଦକ୍ଷେପ ନିଆଯାଇଥାଏ ବୋଲି ଅଦାଲତ ଜଣାଇଛନ୍ତି ।

## ପାକିସ୍ତାନ ମସଜିଦ ସାମ୍ନାରେ ଭୟଙ୍କର ବିସ୍ଫୋରଣ, ୭୦ ମୃତ



ପାକିସ୍ତାନ : ପାକିସ୍ତାନର ଇସଲାମାବାଦରେ ଭୟଙ୍କର ବିସ୍ଫୋରଣ ଘଟିଛି । ଯେଉଁଥିରେ ୭୦ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ପାଖାପାଖି ୨୫୦ ଜଣ ଆହତ ହୋଇଛନ୍ତି । ସିଆ ମସଜିଦ୍ କସ୍ର-ଏ-ଖାଦିଜାତୁଲ କୁବ୍ରାରେ ନମାଜ ପାଠ କରୁଥିବା ସମୟରେ ଏହି ଆତ୍ମଘାତୀ ବିସ୍ଫୋରଣ ଘଟିଥିବା ଜଣାପଡିଛି । ଆଗକୁ ମୃତ୍ୟୁ ସଂଖ୍ୟା ବଢିବାର ଆଶଙ୍କା କରାଯାଉଛି । ସୂଚନାନୁଯାୟୀ, ମସଜିଦରେ ବିସ୍ଫୋରଣ ହେବା ପରେ ଇସଲାମାବାଦରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ଫଳରେ ପୋଲିସ୍ ଏବଂ ସୁରକ୍ଷା ବାହିନୀ ସିଆ ମସଜିଦର ଚାରିପାଖ ଅଞ୍ଚଳକୁ ଘେରାବନ୍ଦୀ କରିଛନ୍ତି । ଏଥିସହ ସନ୍ଦେହଜନକ କାର୍ଯ୍ୟକଳାପ ଉପରେ ମଧ ନଜର ରଖାଯାଇଛି । ବିସ୍ଫୋରଣର କାରଣ କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା ଅସ୍ପଷ୍ଟ ରହିଛି । ଜଣେ ବ୍ୟକ୍ତି ମସଜିଦ୍ ଗେଟ୍ ପାଖରେ ନିଜକୁ ବୋମା ପକାଇ ବିସ୍ଫୋରଣ ଘଟାଇଥିଲେ ବୋଲି କୌଣସି ଏକ ସୂତ୍ରରୁ ପ୍ରକାଶ ପାଇଛି । ଏହି ସୂଚନା ପାଇ ଇସଲାମାବାଦ ପୋଲିସ ଏବଂ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରୁଛନ୍ତି । ଆହତମାନଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ପାକିସ୍ତାନର ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସ୍ସେ ଏବଂ ହସ୍ପିଟାଲକୁ ନିଆଯାଇଛି । ଏହି ସମୟରେ ପିଆଇଏମଏସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି)ଙ୍କ ନିର୍ଦ୍ଦେଶକ୍ରମେ, ହସ୍ପିଟାଲରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ସେ ଆହୁରି ମଧ କହିଛନ୍ତି ଯେ, ମୁଖ୍ୟ ଜରୁରୀକାଳୀନ, ଅର୍ଥୋପେଡିକ, ପୋଡ଼ା କେନ୍ଦ୍ର ଏବଂ ନ୍ୟୁରୋଲୋଜି ବିଭାଗଗୁଡ଼ିକୁ ସକ୍ରିୟ କରାଯାଇଛି । ସୂଚନାଯୋଗ୍ୟ ପ୍ରାୟ ତିନି ମାସ ପୂର୍ବରୁ ଅର୍ଥାତ୍ ୧୧ ନଭେମ୍ବର ୨୦୨୫ରେ ଇସଲାମାବାଦର ଏ-୧୧ ଅଞ୍ଚଳରେ ଥିବା ଏକ ଜିଲ୍ଲା ଏବଂ ସେସନ୍ସ କୋର୍ଟ କୋଠା ବାହାରେ ଏକ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା । ଏଥିରେ ୧୨ ଜଣ ଲୋକ ପ୍ରାଣ ହରାଇଥିଲାବେଳେ ୩୦ ରୁ ଅଧିକ ଆହତ ହୋଇଥିଲେ ।

## ଜମି ପଞ୍ଜୀକରଣରେ ପ୍ୟାନ୍ କାର୍ଡ ବାଧ୍ୟତାମୂଳକ: ଯୋଗୀ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶରେ ଘର, ଦୋକାନ କିମ୍ବା ଜମି ପଞ୍ଜୀକରଣ ପୂର୍ବ ଅପେକ୍ଷା ବର୍ତ୍ତମାନ କଠୋର ହୋଇଯାଇଛି । ଆର୍ଥିକ ଅପରାଧ ରୋକିବା ଏବଂ ଜାତୀୟ ସୁରକ୍ଷାକୁ ପ୍ରାଥମିକତା ଦେଇ ଚଇଘକୁ ସମ୍ପତ୍ତି କାରବାର ସହିତ ସଂଯୋଗ କରିବା ପାଇଁ ଉତ୍ତରପ୍ରଦେଶର ଯୋଗୀ ସରକାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ପଞ୍ଜୀକରଣ ମହାନୀରିକ୍ଷକ ନେହା ଶର୍ମା ଏହି ସମ୍ପର୍କରେ ରାଜ୍ୟର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କଠୋର ନିର୍ଦ୍ଦେଶ ଜାରି କରିଛନ୍ତି । ସୂଚନାନୁଯାୟୀ, ଏହି ନିଷ୍ପତ୍ତିର ମୁଖ୍ୟ କାରଣ ହେଉଛି ଭାରତ-ନେପାଳ ସୀମାବର୍ତ୍ତୀ ଜିଲ୍ଲାଗୁଡିକରେ ହଠାତ୍ ସମ୍ପତ୍ତି ପଞ୍ଜୀକରଣର ସଂଖ୍ୟା ବଢିଯିବା । ସୀମାବର୍ତ୍ତୀ ଅଞ୍ଚଳଗୁଡିକରେ ସମ୍ପତ୍ତି କାରବାରରେ ବ୍ୟାପକ ଆର୍ଥିକ ଅନିୟମିତତା ସମ୍ପର୍କରେ ଏକ ସରକାରୀ ତଦନ୍ତରୁ ପ୍ରକାଶ ପାଇଛି । ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟରେ କୌଣସି ପଞ୍ଜୀକରଣ ପ୍ୟାନ୍ କାର୍ଡ ବିନା କରିହେବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି



। ଏଥିସହ ପଞ୍ଜୀକରଣ ମହାନୀରିକ୍ଷକଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ସମସ୍ତ ସହକାରୀ ମହାନିରୀକ୍ଷକ ଏବଂ ସବରେଜିଷ୍ଟ୍ରାରମାନେ ଦଳଗୁଡିକର ପ୍ୟାନ୍ କାର୍ଡ ଅନଲାଇନରେ ଯାଞ୍ଚ କରିବାକୁ ବାଧ । ପଞ୍ଜୀକରଣ ପାଇଁ ଅନଲାଇନ୍ ଆବେଦନରେ ପ୍ୟାନ୍ କାର୍ଡ ସ୍ତମ୍ଭକୁ ବାଧ୍ୟତାମୂଳକ କରାଯାଇଛି । ବିଭାଗର ଅନଲାଇନ୍ ରେଜିଷ୍ଟ୍ରି ସଫ୍ଟୱେର୍ ପୂର୍ବରୁ ପ୍ୟାନ୍ କାର୍ଡ ଯାଞ୍ଚ କାର୍ଯ୍ୟକାରୀ କରିଛି । ଏହି ସମୟରେ ଉତ୍ତରପ୍ରଦେଶ ସରକାର ସମ୍ପତ୍ତି ପଞ୍ଜୀକରଣ ଠକେଇ ଏବଂ ବେନାମୀ ସମ୍ପତ୍ତିକୁ ନଷ୍ଟ କରିବା ପାଇଁ ନିରନ୍ତର ପଦକ୍ଷେପ ନେଉଛନ୍ତି । ରାଜ୍ୟ ସରକାର ପଞ୍ଜୀକରଣ ରେକର୍ଡ ସହିତ ଆଧାର କାର୍ଡକୁ ଲିଙ୍କ୍ କରିବା ବାଧ୍ୟତାମୂଳକ କରିଦେଇଛନ୍ତି । ସମ୍ପତ୍ତି କାରବାର ସମ୍ପର୍କରେ ଜାଣିବା ପାଇଁ ଡିଜିଟାଲ ପ୍ରମାଣ ବାଧ୍ୟତାମୂଳକ କରିବା ଉଚିତ୍ ବୋଲି ବିଭାଗୀୟ ମନ୍ତ୍ରୀ ରବିନ୍ଦ୍ର ଜୟସୱାଲ କହିଛନ୍ତି । ଅନ୍ୟପଟେ ଏହି ନୂଆ ନିୟମ କାର୍ଯ୍ୟକାରୀ ହେବା ଦ୍ୱାରା ଯେଉଁମାନେ ବେ?ଧ ପରିଚୟ ବିନା କିମ୍ବା ଆୟ ଉତ୍ସ ଲୁଚାଇ ନରଖି ସମ୍ପତ୍ତିରେ ନିବେଶ କରନ୍ତି ସେମାନଙ୍କ ପାଇଁ ଅସୁବିଧା ବୃଦ୍ଧି ପାଇବ । ରାଜ୍ୟର ରିଅଲ୍ ଇଷ୍ଟେଟ୍ କ୍ଷେତ୍ର ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ସୁରକ୍ଷିତ ହେବା ନିଶ୍ଚିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

## ନୋଏଡ଼ା ପରେ ଦିଲ୍ଲୀରେ ସମାନ ଘଟଣା, ଗାତରେ ପଡ଼ି ଚାଲିଗଲା ବ୍ୟାଙ୍କ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ ଜୀବନ

ନୂଆଦିଲ୍ଲୀ : ଦିଲ୍ଲୀ ଜନକପୁରୀ ଅଞ୍ଚଳରେ ନୋଏଡା ଘଟଣାର ପୁନରାବୃତ୍ତି । ଜନପୁରୀ ଅଞ୍ଚଳରେ ଏକ ଗାତରେ ପଡ଼ି ଯୁବକଙ୍କ ଜୀବନ ଚାଲିଯାଇଛି । ମୃତକଙ୍କ ପରିଚୟ ମିଳିଛି । ମୃତକ ଜଣକ କୈଳାଶପୁରୀରେ ରହୁଥିଲେ । ସୂଚନା ମୁତାବକ, କମଲ ଗତକାଲି ରାତିଲେ ରୋହିଣୀ ସ୍ଥିତ ଅଫିସରୁ ଘରକୁ ଫେରୁଥିଲେ । ରାସ୍ତାରେ ଘର ଲୋକଙ୍କ ସହିତ କଥା ହୋଇଥିଲେ । କିନ୍ତୁ ବିଳମ୍ବିତ ରାତି ଯାଏଁ ଘରକୁ ଫେରିନଥିଲେ । କମଲ ଘରକୁ ନ ଫେରିବାକୁ ପରିବାର ଲୋକ ତାଙ୍କୁ ବହୁତ ଖୋଜା ଖୋଜି କରିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ରାତି ସାରା ଖୋଜିବା ପରେ ମଧ କିଛି ସନ୍ଧାନ ପାଇନଥିଲା । ହେଲେ ସକାଳୁ ପୋଲିସକୁ ଏକ ବାଇକରେ ଗାତରେ ପଡ଼ି ମୃତ୍ୟୁବରଣ କରିଥିବା ଖବର ମିଳିଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି କମଲଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲା



। କମଲ ରାତିରେ ଫେରୁଥିବା ବେଳେ ବାଇକ୍ ସହିତ ଏକ ଗାତରେ ପଡିଯାଇଥିଲେ । ଦିଲ୍ଲୀର ଜଳ ବୋର୍ଡ କାମ ପାଇଁ ଏହି ଗାତ ଖୋଳାଯାଇଥିଲା । ଅନ୍ଧାରରେ ନ ଦେଖିପାରିବାରୁ କମଲ ବାଇକ ସହିତ ଗାତରେ ପଡିଥିବା ଆଶଙ୍କା କରାଯାଉଛି । ଆଉ ରାତିରେ ଗାତରୁ ବାହାରି ପାରିନଥିଲେ । କମଲଙ୍କ ମୃତ୍ୟୁ ପରେ ତାଙ୍କ ସାଙ୍ଗ କହିଛନ୍ତି, ଆମେ ଥାନାକୁ ଯାଇଥିଲୁ, ଆମର ରିପୋର୍ଟ ଦାୟର କଲେ ନାହିଁ । ବହୁତ ଚାପ ପକାଇବା ପରେ ଲୋକେସନ ମିଳିଥିଲା । ଆମେ ସମସ୍ତେ ଅନେକ ଥାନାର ଦ୍ୱାରସ୍ଥ ହୋଇଥିଲୁ, ରାତି ସାରା ଖୋଜିଥିଲୁ । ଏହା ପୋଲିସଙ୍କର ଭୁଲ୍ । ଯଦି ସେମାନେ ରାତିରେ ଖୋଜିଥାନ୍ତେ, ହୁଏତ ଆମ ସାଙ୍ଗ ଆଜି ବଞ୍ଚିଯାଇଥାନ୍ତା । ଏଠାରେ ଗାତ ଖୋଳାଯାଇଛି, ହେଲେ ବ୍ୟାରିକେଡ ନାହିଁ, ଅନ୍ୟପଟେ ବ୍ୟାରିକେଡ ଲାଗିଥିଲା । ଆମେ ରାତିରେ ଗାତ ଚେକ୍ କରିଥିଲୁ, ଏଠାରେ କିଛି ନଥିଲା । ଆମ ସାଙ୍ଗକୁ କେହି ଜଣେ ହତ୍ୟା କରିଥିବା ପରି ମନେ ହେଉଛି । ତେବେ ଏହି ଘଟଣାକୁ ନେଇ ଆପର ଦିଲ୍ଲୀ ଅଧକ୍ଷ ସୌରଭ ଭରଦ୍ୱାଜ ଏକ୍ସରେ ଲେଖିଛନ୍ତି, ରାସ୍ତାରେ ଖାଲ ଯୋଗୁଁ ଜଣେ ନିରୀହ ଲୋକ ଜୀବନ ଚାଲିଗଲା । ରାତିସାରା ପଡି ରହି ଯୁବକଙ୍କ ଜୀବନ ଗଲା । ନୋଏଡା ଘଟଣା ପରେ ଦିଲ୍ଲୀ ସରକାର କିଛି ଶିକ୍ଷା ପାଇଲେନି ।

## ତାମିଲନାଡୁରେ ବାର୍ଡ଼ଫ୍ଲୁ ଆତଙ୍କ

ଚେନ୍ନାଇ: ଚେନ୍ନାଇ ସମେତ ତାମିଲନାଡୁରେ ଶହ ଶହ କାଉଙ୍କ ମୃତ୍ୟୁ ପରେ ରାଜ୍ୟରେ ବାର୍ଡ଼ଫ୍ଲୁ ନେଇ ଆତଙ୍କ ଦେଖାଯାଇଛି । ପରୀକ୍ଷାରୁ ମୃତ କାଉଙ୍କଠାରେ ଏଚ୍୫ଏନ୍୧ ଭୂତାଣୁ ଠାବ ହୋଇଛି । ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ବାର୍ଡ୍ ଫ୍ଲୁ ପ୍ରକୋପ ନିୟନ୍ତ୍ରଣ କରିବା ପାଇଁ ଶୀଘ୍ର ପଦକ୍ଷେପ ନେଉଥିବାବେଳେ ଜନସାଧାରଣଙ୍କ ପାଇଁ ପରାମର୍ଶ ଜାରି କରାଯାଇଛି । ଅଧିକ ସଂକ୍ରମଣ ରୋକିବା ପାଇଁ ଜୈବ ସୁରକ୍ଷା ପ୍ରୋଟୋକଲ ଅନୁଯାୟୀ ସମସ୍ତ କାଉ ଏବଂ କୁକୁଡ଼ାଙ୍କ ମୃତଦେହକୁ ଜାଳି ଦେବାକୁ କିମ୍ବା ଗଭୀର ଗାତ କରି ପୋତିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ସରକାର ତାମିଲନାଡୁ ସରକାରଙ୍କୁ ବନ୍ୟ ପକ୍ଷୀ, ଗୃହପାଳିତ କୁକୁଡ଼ା ଏବଂ ମଣିଷଙ୍କ ମଧ୍ୟରେ ଏହା ଯେପରି ନ ବ୍ୟାପେ ଏହାକୁ ରୋକିବା ପାଇଁ ନିରୀକ୍ଷଣ, ଜୈବ ସୁରକ୍ଷା ଏବଂ ରୋଗ ନିୟନ୍ତ୍ରଣ ପଦକ୍ଷେପକୁ ତୀବ୍ର କରିବାକୁ କହିଛନ୍ତି । ଆଦ୍ୟାର, ଭେଲାଚେରୀ, ତିରୁବନମିୟୁର ଏବଂ ପୁରୁଣା ମହାବଳୀପୁରମ ରୋଡ୍ ପରି ଅଞ୍ଚଳରୁ କାଉ ମୃତ୍ୟୁ ରିପୋର୍ଟ ଆସିବା ପରେ ଜାନୁଆରି ଶେଷ ଭାଗରେ ପଶୁ ସ୍ୱାସ୍ଥ୍ୟ ଦଳଗୁଡ଼ିକ ତଦନ୍ତ ଆରମ୍ଭ କରିଥିଲେ । ସଂଗୃହୀତ ନମୁନାଗୁଡ଼ିକୁ ଭୋପାଳର ଆଇସିଏଆର-ଏନ୍ଆଇଏଚ୍ଏସ୍ଏଡିକୁ ପଠାଯାଇଥିଲା, ଯେଉଁଠାରେ ପରୀକ୍ଷାରୁ ମୃତ ପକ୍ଷୀମାନଙ୍କଠାରେ ଏଚ୍୫ଏନ୍୧ ପକ୍ଷୀ ଇନଫ୍ଲୁଏଞ୍ଜା ଚିହ୍ନଟ ହୋଇଥିଲା ।

## ମହାରାଷ୍ଟ୍ର ଗଡଚିରୋଲୀରେ ବଡ଼ ଏନକାଉଣ୍ଟର, ଜଣେ କମାଣ୍ଡୋ ସହିଦ ଓ ୩ ମାଓବାଦୀ ନିହତ

ମହାରାଷ୍ଟ୍ର : ମହାରାଷ୍ଟ୍ରର ଗଡଚିରୋଲୀରେ ଆଜି ପୋଲିସ ଏବଂ ନକ୍ସଲଙ୍କ ମଧ୍ୟରେ ବଡ଼ ଏନକାଉଣ୍ଟର ହୋଇଛି । ଏହି ଏନକାଉଣ୍ଟରରେ ୩ ଜଣ ମାଓବାଦୀ ନିହତ ହୋଇଥିଲାବେଳେ ମହାରାଷ୍ଟ୍ର ପୋଲିସ ମ ୬୦ କମାଣ୍ଡୋ ସହିଦ ହୋଇଛନ୍ତି । ଗୁଳିଚାଳନା ଯୋଗୁଁ ଜଣେ କମାଣ୍ଡୋ ମଧ ଆହତ ହୋଇଛନ୍ତି । ଏହି ଘଟଣା ସୀମାବର୍ତ୍ତୀ ଛତିଶଗଡ଼ରେ ହୋଇଥିବା ସୂଚନା ମିଳିଛି । ସୂଚନାନୁଯାୟୀ, କମ୍ପାନୀ ନମ୍ବର ୧୦ର ଅବଶିଷ୍ଟ ମାଓବାଦୀ ସଦସ୍ୟ ଏବଂ ଛତିଶଗଡ଼ର ଏକ ଅଜ୍ଞାତ ମାଓ ସ୍କ୍ୱାର୍ଡ ଉପସ୍ଥିତ ଥିବା ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ଭାମରାଗଡ଼ର ସବ-ଡିଭିଜନାଲ୍ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ଉ-୬୦ କମାଣ୍ଡୋ ଫୋର୍ସ ନାରାୟଣପୁର-ଗଡ଼ଚିରୋଲି ଜିଲ୍ଲାର ସୀମାନ୍ତରେ ଥିବା ଫୋଡେଓ୍ୱାଡା ନିକଟରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ । ଅନ୍ଧାର ରାତିରେ ନକ୍ସଲମାନେ ପୋଲିସ ବାହିନୀ ଉପରେ ଗୁଳିଚାଳନା କରିଥିଲେ । ଯାହାଫଳରେ ସୈନିକମାନେ ମଧ ଏହି ଗୁଳିଚାଳନାର କଡ଼ା ଜବାବ୍ ଦେଇଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଗୁଳିଚାଳନା ଚାଲିଥିଲା । ବର୍ତ୍ତମାନ ସୁଦ୍ଧା ଏନକାଉଣ୍ଟରରେ ତିନି ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି । ଅନ୍ୟପଟେ ଆହତ ସୈନିକଙ୍କୁ ଚିକିତ୍ସା ପାଇଁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଛି । କିନ୍ତୁ ଏହି ଏନକାଉଣ୍ଟର ଚାଲିଥିବା ମଧ୍ୟରେ ଜଣେ ଉ-୬୦ କମାଣ୍ଡୋ ସହିଦ ହୋଇଥିଲେ ।

## ପଞ୍ଜାବରେ ପୁଣି ରାଜନୈତିକ ହତ୍ୟାକାଣ୍ଡ: ଆପ୍ ନେତା ଲକି ଓବରାଏଙ୍କୁ କାର ଭିତରେ ଗୁଳି କରି ହତ୍ୟା



ନୂଆଦିଲ୍ଲୀ : ପଞ୍ଜାବର ଜଲନ୍ଧରରେ ଏକ ଅଭାବନୀୟ ଘଟଣା ଘଟିଛି । ଆମ ଆଦମୀ ପାର୍ଟି (ଆପ୍)ର ଜଣେ ପ୍ରମୁଖ ନେତା ଲକି ଓବରାଏଙ୍କୁ ଦିନଦ୍ୱିପ୍ରହରରେ ଗୁଳି କରି ହତ୍ୟା କରାଯାଇଛି । ସହରର ପୋଶ୍ ଅଞ୍ଚଳ କୁହାଯାଉଥିବା 'ମଡେଲ ଟାଉନ'ସ୍ଥିତ ଗୁରୁଦ୍ୱାର ସାହିବ ବାହାରେ ଏହି ହତ୍ୟାକାଣ୍ଡ ଘଟିଛି । ପ୍ରାଥମିକ ସୂଚନା ଅନୁଯାୟୀ, ଲକି ଓବରାଏ ନିଜ କାର୍ ଭିତରେ ଥିବା ସମୟରେ ତାଙ୍କୁ ଟାର୍ଗେଟ୍ କରି ଏକାଧିକ ରାଉଣ୍ଡ ଗୁଳି ଚଳାଯାଇଥିଲା । ତାଙ୍କ ଶରୀରରେ ପ୍ରାୟ ୫ଟି ଗୁଳି ବାଜିଥିବା ଜଣାପଡ଼ିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଲକି ଓବରୋଇଙ୍କ ପତ୍ନୀ ପୂର୍ବରୁ ଆପ୍ ଟିକେଟରେ ମ୍ୟୁନିସିପାଲିଟି ନିର୍ବାଚନ ଲଢ଼ିଥିଲେ, କିନ୍ତୁ ସେଥିରେ ସେ ସଫଳ ହୋଇପାରିନଥିଲେ । ଘଟଣା ସମ୍ପର୍କରେ ଖବର ପାଇବା ମାତ୍ରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ହତ୍ୟାକାଣ୍ଡର କାରଣ ଏବଂ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

## ଦେଶରେ ପ୍ରଥମ କୋଅପରେଟିଭ୍ କ୍ୟାବ୍ ସର୍ଭିସ୍ ଲଞ୍ଚ, ସହଜରେ ଯାତ୍ରା କରିବେ ଯାତ୍ରୀ

ନୂଆଦିଲ୍ଲୀ: ଲଞ୍ଚ ହୋଇଛି ଦେଶର ପ୍ରଥମ କୋଅପରେଟିଭ୍ କ୍ୟାବ୍ ସର୍ଭିସ୍ । ଯାହାର ନାମ ହେଉଛି- ଭାରତ ଟ୍ୟାକ୍ସି ଆପ୍ । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଏହି ଆପ୍ ଲଞ୍ଚ କରିଛନ୍ତି । ଏହି ଆପ୍ ପୂର୍ବରୁ ଆଣ୍ଡ୍ରଏଡ୍ ଏବଂ ଆଇଫୋନ୍ ୟୁଜର୍ସଙ୍କ ପାଇଁ ଉପଲବ୍ଧ ଥିଲା ଏବଂ ଅନେକ ଲୋକ ଏହାକୁ ବ୍ୟବହାର କରିସାରିଛନ୍ତି । ପ୍ରାରମ୍ଭିକ ବ୍ୟବହାରରୁ ଜଣାପଡ଼ିଛି ଯେ ଭାରତ ଟ୍ୟାକ୍ସି କ୍ୟାବ୍ ଆପ୍, ବାଇକ୍, ଟ୍ୟାକ୍ସି ଏବଂ ଅଟୋ ବ୍ୟତୀତ ମେଟ୍ରୋ ବୁକିଂ ସର୍ଭିସ୍ ପ୍ରଦାନ କରେ, ଯାହା ଏହାକୁ ଅନ୍ୟ କ୍ୟାବ୍ ଆପ୍ ଠାରୁ ଭିନ୍ନ କରିଥାଏ । ଭାରତ ଟ୍ୟାକ୍ସି ଆପ୍ ଏକ କୋଅପରେଟିଭ୍ ମଡେଲରେ କାର୍ଯ୍ୟ କରେ, ଯାହା ଫଳରେ ଆପ୍ ଲଞ୍ଚ ହେବା ପୂର୍ବରୁ ହିଁ ବହୁତ୍ ପପୁଲାର୍ ହୋଇଥିଲା । ଦାବି କରାଯାଉଛି ଯେ ଏହାର ଭଡ଼ା ଅନ୍ୟ ପ୍ଲାଟଫର୍ମ ତୁଳନାରେ କମ୍ ଏବଂ ଡ୍ରାଇଭରମାନଙ୍କଠାରୁ କୌଣସି କମିଶନ ଆଦାୟ




କରାଯାଏ ନାହିଁ । ଏହାର ଅର୍ଥ ହେଉଛି ସମସ୍ତ ରାଇଡ୍ ପେମେଣ୍ଟ ସିଧାସଳଖ ଡ୍ରାଇଭରଙ୍କ ଆକାଉଣ୍ଟକୁ ଯାଏ । ଡ୍ରାଇଭରମାନେ କେବଳ ସର୍ଭିସ୍ ପ୍ରୋଭାଇଡର୍ସ ନୁହଁନ୍ତି ବରଂ ପ୍ଲାଟଫର୍ମର ଷ୍ଟେକ୍ ହୋଲ୍ଡର୍ସ ମଧ । ତେବେ, ଆସନ୍ତୁ ଜାଣିବା ଭାରତ ଟ୍ୟାକ୍ସି ଆପ୍ ର ସମସ୍ତ ଫିଚର୍ସ ବିଷୟରେ...।

ୟୁଜର୍ସଙ୍କ ବେନିଫିଟ୍ସ ପାଇଁ, ଭାରତ ଟ୍ୟାକ୍ସି ଆପ୍ ହିନ୍ଦୀ, ଇଂରାଜୀ, ଗୁଜୁରାଟୀ ଏବଂ ମରାଠୀ ଭାଷାକୁ ସପୋର୍ଟ କରେ । ଆପ୍ ସେଟିଂସରେ ଭାଷାକୁ ସହଜରେ ପରିବର୍ତ୍ତନ କରାଯାଇପାରିବ । ଭବିଷ୍ୟତରେ ଏହି ଆପରେ ଆହୁରି ଭାରତୀୟ ଭାଷା ଯୋଡିବାର ପ୍ଲାନ୍ ଅଛି ।

ଭାରତ ଟ୍ୟାକ୍ସି ଆପ୍ ପାଇଁ ରେଜିଷ୍ଟ୍ରେସନ୍ କରିବାକୁ ହେଲେ ଆପଣଙ୍କୁ ପ୍ରଥମେ ଆପଣଙ୍କର ମୋବାଇଲ୍ ନମ୍ବର ବ୍ୟବହାର କରି ଆପରେ ଲଗ୍ ଇନ୍ କରିବାକୁ ପଡିବ । ନମ୍ବର ଏଣ୍ଟର୍ କରିବା ପରେ, ଡଞଚ ମାଧ୍ୟମରେ ଭେରିଫିକେସନ୍ କରାଯାଏ । ତା'ପରେ, ୟୁଜର୍ସଙ୍କୁ ସେମାନଙ୍କର ନାମ ଏଣ୍ଟର୍ କରିବାକୁ ପଡିବ ଏବଂ ରେଜିଷ୍ଟ୍ରେସନ୍ ଶେଷ ହେବ । ଏହା ପରେ, ଆପ୍?ର ସମସ୍ତ ସର୍ଭିସ୍ ବ୍ୟବହାର କରାଯାଇପାରିବ । ଭାରତ ଟ୍ୟାକ୍ସି ଆପର ଇଣ୍ଟରଫେସ୍ ବହୁତ୍ ସହଜ ଏବଂ ୟୁଜର୍ସ ଫ୍ରେଣ୍ଡେଲି ରଖାଯାଇଛି । ଆପ୍ ଖୋଲିବା ମାତ୍ରେ, ସ୍କ୍ରିନ୍?ରେ ଆପଣଙ୍କର ଇଚ୍ଛିତ ଗନ୍ତବ୍ୟସ୍ଥଳ ଦେଖାଯିବ । ରାଇଡ୍ ବୁକ୍ କରିବା ସମୟରେ, ଆପଣ ବିଭିନ୍ନ ଅପ୍ସନ ଦେଖିବେ, ଯେପରିକି ଭାରତ ବାଇକ୍, ଭାରତ ଅଟୋ, କ୍ୟାବ୍ ଇକୋନୋମି ଏବଂ କ୍ୟାବ୍ ପ୍ରାୟରିଟି ।

ଭଡ଼ା ଦୃଷ୍ଟିରୁ ଦେଖିବାକୁ ଗଲେ, ଭାରତ ଟ୍ୟାକ୍ସିର ଦର ଓଲା ଏବଂ ଉବର ତୁଳନାରେ କମ୍ ଥିବା ପରି ମନେ ହେଉଛି । ନୋଏଡା ଭଳି ଅଞ୍ଚଳରେ ଟ୍ୟାକ୍ସି ବୁକ୍ କରିବା ଦ୍ୱାରା କମ୍ ସମୟ ଅପେକ୍ଷା ସହିତ ଯାନବାହନ ଉପଲବ୍ଧ ଦେଖାଯାଇଥିଲା । ଏଥିସହ ଏହି ଆପରେ ବର୍ଷା, ଟ୍ରାଫିକ୍ କିମ୍ବା ପିକ୍ ଟାଇମ୍ ରେ ମଧ ଭଡ଼ା ଅଧିକ ଦେବାକୁ ପଡ଼ିବ ନାହିଁ ।

ଭାରତ ଟ୍ୟାକ୍ସି ଆପ୍‌ର ଏକ ଖାସ୍ ଫିଚର୍ସ ହେଉଛି ଏହା ମେଟ୍ରୋ ଟିକେଟ୍ ବୁକ୍ କରିବାର ଅପ୍ସନ ମଧ ପ୍ରଦାନ କରେ । ଟିକେଟ୍ କରିବା ପାଇଁ, ସର୍ଭିସ୍ କାଟେଗୋରୀକୁ ଯାଆନ୍ତୁ ଏବଂ ମେଟ୍ରୋ ଟିକେଟ୍ ଅପ୍ସନ ଚୁଜ୍ କରନ୍ତୁ । ଷ୍ଟେସନ୍ ଚୁଜ୍ କରିବା ପରେ, ଟଚଓ ମାଧ୍ୟମରେ ପେମେଣ୍ଟ କରାଯାଇପାରିବ ।

ଭାରତ ଟ୍ୟାକ୍ସି ପ୍ରଥମେ ଦିଲ୍ଲୀ ଏବଂ ଗୁଜୁରାଟର ରାଜକୋଟରେ ଟେଷ୍ଟିଂ କରାଯାଇଥିଲା ଏବଂ ସଫଳ ହୋଇଥିଲା । ଏହାକୁ ଏବେ ଦିଲ୍ଲୀ ଏନସିଆରରେ ଲଞ୍ଚ କରାଯାଇଛି । ମୁମ୍ବାଇ, ଚେନ୍ନାଇ ଏବଂ ବେଙ୍ଗାଲୁରୁ ଭଳି ପ୍ରମୁଖ ସହରରେ ଆହୁରି ଲଞ୍ଚ କରାଯିବାର ପ୍ଲାନ୍ ରହିଛି । ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି, ଏହି ଆପରେ ଏକ ଝଙଝ ବଟନ୍ ସାମିଲ୍ କରାଯାଇଛି । ଗୋଟିଏ କ୍ଲିକ୍?ରେ, ଏହି ଫିଚର୍ସ ବିଶ୍ୱସ୍ତ ସମ୍ପର୍କକୁ ସାହାଯ୍ୟ ପାଇଁ ଏକ ମେସେଜ୍ ପଠାଇବ । ଲାଇଭ୍ ଟ୍ରାକିଂ ଏବଂ ଏକ ସରଳ ୟୁଜର ଇଣ୍ଟରଫେସ୍ ସହିତ, ଭାରତ ଟ୍ୟାକ୍ସି ଆପ୍ ନିଜକୁ ଏକ ସୁଲଭ ଏବଂ ସୁରକ୍ଷିତ ଅପ୍ସନ ଭାବରେ ଉପସ୍ଥାପନ କରୁଛି ।

# ଆଜିଠୁ ଟି-୨୦ ବିଶ୍ୱକପ୍ ମହାକୁମ୍ଭ

## ଉଦ୍‌ଘାଟନୀ ଦିବସରେ ୩ ମ୍ୟାଚ୍ ଭାରତ-ଆମେରିକା, ପାକିସ୍ତାନ- ନେଦରଲାଣ୍ଡ୍ସ ଓ ୱେଷ୍ଟଇଣ୍ଡିଜ୍ - ସ୍କଟ୍‌ଲାଣ୍ଡ ଟକ୍କର



ନୂଆଦିଲ୍ଲୀ,୬।୨: ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣ ଶନିବାରଠୁ ଭାରତ ଓ ଶ୍ରୀଲଙ୍କାରେ ଆରମ୍ଭ ହେବାକୁ ଯାଉଛି। ଉଦ୍‌ଘାଟନୀ ଦିବସରେ ଭାରତର ଦୁଇଟି ସହର କୋଲ୍‌କାତା ଓ ମୁମ୍ବାଇ ଏବଂ ଶ୍ରୀଲଙ୍କାର କଲମ୍ବୋରେ ମୋଟ ୩ ମ୍ୟାଚ୍ ଖେଳାଯିବ। କଲମ୍ବୋରେ ପୂର୍ବାହ୍ନ ୧୧ଟାରେ ଗ୍ରୁପ୍-ଏରେ ପାକିସ୍ତାନ ଓ ନେଦରଲାଣ୍ଡ୍ସ ମୁହାଁମୁହିଁ ହେବେ। ଏହାପରେ ଅପରାହ୍ଣ ୩ଟାରେ ଗ୍ରୁପ୍-ସିର ଏକ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଓ ସ୍କଟ୍‌ଲାଣ୍ଡ କୋଲ୍‌କାତାରେ ଖେଳିବେ। ଶନିବାରର ଶେଷ ମ୍ୟାଚ୍ ମୁମ୍ବାଇରେ ରାତି ୭ଟାରେ ଖେଳାଯିବ ଏଥିରେ ଆୟୋଜକ ଭାରତ ଭେଟିବ ଆମେରିକା (ୟୁଏସ୍‌ଏ)କୁ।

ଭାରତ ବିଶ୍ୱକପ୍ ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୪-୧ରେ ଜିତି ଦୃଢ଼ ମନୋବଳରେ ରହିଛି। ଏମିତି ବି ବିଜେତା ଭାରତ ନିଜ ଘରୋଇ ପଡ଼ିଆରେ ଏହି ପ୍ରତିଯୋଗିତା ଖେଳୁଛି ।ତେଣୁ ପ୍ରଥମ ମ୍ୟାଚ୍ ଦୁର୍ବଳ ୟୁଏସ୍‌ଏ ବିପକ୍ଷରେ ଥିବାରୁ ବଡ଼ ବିଜୟରୁ ଟ୍ରଫି ବଜାୟ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି ସୂର୍ଯ୍ୟକୁମାର ଯାଦବଙ୍କ ଦଳ ଦେଖିବାକୁ ଗଲେ ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ଏକ ସନ୍ତୁଳିତ ଦଳ ରହିଛି। ମ୍ୟାଚ୍ ପୂର୍ବରୁ ସୂର୍ଯ୍ୟକୁମାରଙ୍କ ବଡ଼ ଚିନ୍ତା ହେଉଛି ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣକୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେବା ଏଥିନେଇ ସେ କହିଛନ୍ତି, ଆବଶ୍ୟକ ପଡ଼ିରେ ଦୁଇ ଜଣ ସ୍ପିନରଙ୍କୁ ଖେଳାଇବୁ ଆମ ପାଖରେ ଭଲ ବୋଲର ଅଛନ୍ତି ହେଲେ ଆମକୁ ମ୍ୟାଚ୍ ବେଳେ ଭଲ ଯୋଡ଼ି ଦେଖିବାକୁ ପଡ଼ିବ। ଅଭିଷେକ ଶର୍ମା ଓ ଈଶାନ କିଶାନ ଓପନିଂ କରିବେ । ଆହତ ସମସ୍ୟାରେ ଥିବା ସ୍ପିନର୍ ସୁନ୍ଦର ସୁସ୍ଥ ହୋଇଥିଲେ ମଧ୍ୟ ୱାର୍ମ-ଅପ୍ ମ୍ୟାଚ୍ ଖେଳି ନଥିଲେ। ତେଣୁ ୟୁଏସ୍‌ଏ ବିପକ୍ଷରେ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ ଖେଳିବାର ସମ୍ଭାବନା ଅଧିକ ରହିଛି। ୱାର୍ମ-ଅପ୍ ମ୍ୟାଚ୍‌ରେ ଆହତ ହୋଇଥିବା ହର୍ଷିତ ରାଣା ବାଦ୍ ପଡ଼ିବା ଆଶଙ୍କା ଦଳ ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। ତେବେ ତିଳକ ବର୍ମା ସୁସ୍ଥ ହୋଇ ଫେରିବା ଦଳ ପାଇଁ ଭଲ ଖବର।

ଅନ୍ୟପକ୍ଷରେ ୟୁଏସ୍‌ଏ ଦଳରେ ୧୧ ପାକିସ୍ତାନୀ ଏବଂ ଅଧିନାୟକ ମୋନାକ ପଟେଲଙ୍କ ସହ ୫ ଜଣ ଭାରତୀୟ ବଂଶୋଦ୍ଭବ ରହିଛନ୍ତି।ପାକିସ୍ତାନ କି ଭାରତ ନୁହେଁ ୟୁଏସ୍‌ଏରୁ ପ୍ରତିନିଧିତ୍ୱ କରିବାକୁ ଆସିଛୁ ବୋଲି ଅଧିନାୟକ ମୋନାକ କହି ଏହି ଆଲୋଚନାକୁ ବନ୍ଦ କରିଛନ୍ତି । ମୁମ୍ବାଇରେ ଜନ୍ମିତ ଏବଂ ଭାରତୀୟ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ରହିଥିବା ହର୍ମିତ ସିଂହ ୟୁଏସ୍‌ଏ ଦଳରେ ରହିଛନ୍ତି । ସେ ନିଜ ଜନ୍ମ ମାଟିରେ ଭଲ କରିବା ଆଶା ରଖିଛନ୍ତି ।

ସମ୍ଭାବ୍ୟ ଭାରତୀୟ ଦଳ: ଅଭିଷେକ ଶର୍ମା, ଈଶାନ କିଶନ (କେଟ୍‌ରକ୍ଷକ), ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂହ, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ଯଶପ୍ରୀତ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ

ସମ୍ଭାବ୍ୟ ୟୁଏସ୍‌ଏ ଦଳ: ସାଇତେଜା ମୁକାମଲ୍ଲା, ଆଣ୍ଡ୍ରିଜ୍ ଗସ୍ (ୱିକେଟ୍‌ରକ୍ଷକ), ଶାୟନ ଜାହାଙ୍ଗୀର, ମୋନାକ ପଟେଲ (ଅଧିନାୟକ), ମିଲିନ୍ଦ କୁମାର, ହର୍ମିତ ସିଂହ, ଶୁଭମ ରଞ୍ଜାନେ, ମହମ୍ମଦ ମୋହସିନ, ସାଡ୍‌ଲେ ଭାନ୍ ଶ୍ୱାଲକ୍ୱିକ, ସୌରଭ ନେତ୍ରାଭଲକର, ଅଲୀ ଖାନ ।

## କ'ଣ କହିଲେ ଭାରତ-ପାକ୍ ଅଧିନାୟକ ?

ମୁମ୍ବାଇ,୫।୨ : ଭାରତୀୟ ଟ୍ୱେଣ୍ଟି-୨୦ କ୍ରିକେଟ୍ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି ଯେ ପାକିସ୍ତାନ ସହ ଖେଳିବାକୁ ଭାରତ ମନା କରିନାହିଁ, ସେମାନେ ମନା କରିଛନ୍ତି ଏହା ସତ୍ତ୍ୱେ ଭାରତୀୟ ଦଳ କଲମ୍ବୋ ଗସ୍ତ କରିବ ଓ ଏଥିପାଇଁ ଟିକେଟ୍ ବୁକିଂ ହୋଇସାରିଛି ବିଶ୍ୱକପ୍ ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂର୍ଯ୍ୟ କହିଛନ୍ତି ଯେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଖେଳିବାକୁ ଆମେ କଲମ୍ବୋ ଯିବୁ ତାପରେ ଦେଖିବା.. ଏହି ବିଶ୍ୱକପ୍‌ରେ ଭାରତୀୟ ଦଳର ସମ୍ଭାବନା ବିଷୟରେ ସେ କହିଛନ୍ତି ଯେ ଏଥିରେ ଆହୁରି ୧୯ଟି ଦଳ ଖେଳୁଛନ୍ତି, କିନ୍ତୁ ଯେପରି ଆମେ ଖେଳୁଛୁ, ଲାଗୁଛି ଭାରତ ହିଁ ଏହାର ଫେଭରାଇଟ୍ ବିଶ୍ୱକପ୍ ପୂର୍ବରୁ ଲୟ ଫେରିପାଇଥିବାରୁ ଆଶ୍ୱସ୍ତ ବୋଲି ସେ କହିଛନ୍ତି।

ପାକିସ୍ତାନ ଟିମର ଅଧିନାୟକ ସଲମାନ ଅଲୀ ଆଘା କଲୋମ୍ବୋରେ କହିଛନ୍ତି ଯେ ଭାରତ ସହ ମ୍ୟାଚ୍ ଆମ ନିୟନ୍ତ୍ରଣରେ ନାହିଁ। ଏହା ସରକାରଙ୍କ ନିଷ୍ପତ୍ତି ଯଦି ସେମାନଙ୍କ ସହ ବିଶ୍ୱକପର ସେମି ଫାଇନାଲ କିମ୍ବା ଫାଇନାଲ ମ୍ୟାଚ୍ ପଡ଼େ, ତାହେଲେ ଆମେ ପୁଣି ସରକାରଙ୍କ ପାଖକୁ ଯିବୁ ସରକାରଙ୍କ ପରାମର୍ଶ ଅନୁସାରେ ପଦକ୍ଷେପ ନେବୁ ପ୍ରଥମେ ବାଂଲାଦେଶ ବିଶ୍ୱକପ ଖେଳିବାକୁ ଭାରତ ଆସିବ ନାହିଁ ବୋଲି ମନା କରିଥିଲା ଆଇସିସି ବେଶ କିଛି ଦିନ ଧରି ବାଂଲାଦେଶକୁ ବୁଝାଇଥିଲେ ହେଁ କୌଣସି ସୁଫଳ ମିଳି ନଥିଲା।ବାଂଲାଦେଶ ବିଶ୍ୱକପରୁ ବାଦ ପଡ଼ିବା ସମ୍ପର୍କରେ ଆଘା କହିଛନ୍ତି, ବାଂଲାଦେଶ ବିଶ୍ୱକପରେ ନଥିବା ଦୁଃଖର ବିଷୟ। ସେମାନେ ଗୋଟିଏ ଭଲ ଦଳ। ଆଶା ସେମାନେ ଆମକୁ ସମର୍ଥନ କରିବେ। ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରେ ଭାରତକୁ ସାମ୍ନା କରିବ ନାହିଁ ବୋଲି କହିଛି ।ତେବେ ଦଳ ଆମେରିକା, ନାମ୍ବିଆ ଓ ନେଦରଲ୍ୟାଣ୍ଡ୍ସ ବିପକ୍ଷରେ ମ୍ୟାଚ୍ ଖେଳିବ ।ସଲମାନ ଆଘା କହିଛନ୍ତି, ଆମେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ବେଶ ଉତ୍ସାହିତ। ଗତ ବିଶ୍ୱକପରେ ଆମେ ଆମେରିକା ଠାରୁ ହାରିଥିଲୁ। ଆମେ ସେହି ବିପର୍ଯ୍ୟୟକୁ ପଛରେ ଛାଡ଼ି ସାରିଛୁ ଓ ଆଗକୁ ବଢ଼ିବାକୁ ଲକ୍ଷ୍ୟ ରଖିଛୁ ।

# ଇତିହାସ ରଚ଼ିଲେ ବୈଭବ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ: ୧୯ ବର୍ଷରୁ କମ ବିଶ୍ୱକପର ଫାଇନାଲରେ ଆଜି ମୁହାଁମୁହିଁ ହୋଇଛନ୍ତି ଭାରତ ଓ ଇଂଲଣ୍ଡ । ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ବିସ୍ଫୋରକ ବାମହାତୀ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଅନେକ କୀର୍ତ୍ତିମାନ ନିଜ ନାଁରେ କରିଛନ୍ତି । ସେ ଧୂଆଁଧାର ବ୍ୟାଟିଂ କରି ମାତ୍ର ୫୫ ବଲରେ ଶତକ ପୂରଣ କରିଛନ୍ତି । ୧୯ ବର୍ଷରୁ କମ ବିଶ୍ୱକପ୍ ଫାଇନାଲରେ ଏହା ଦ୍ରୁତତମ ଶତକ । ବିଶ୍ୱକପର ଗତ ମ୍ୟାଚ୍‌ରେ ଖରାପ ପ୍ରଦର୍ଶନ ପାଇଁ ଟ୍ରୋଲ ହେଉଥିଲେ। ମାତ୍ର ଟାଇଟଲ୍ ମୁକାବିଲାରେ ଐତିହାସିକ ଇନିଂସ ଖେଳି ଇଂଲଣ୍ଡ ବୋଲରଙ୍କୁ ନିର୍ମମ ପ୍ରହାର କରିଛନ୍ତି ।



୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲ୍ ଇତିହାସରେ ଶତକ ହାସଲ କରିବାରେ ଦ୍ରୁତତମ ବ୍ୟାଟର ହୋଇଛନ୍ତି। ଏହା ୧୯ ବର୍ଷରୁ କମ୍ ବିଶ୍ୱକପ୍ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ ମଧ୍ୟ। ଅଷ୍ଟ୍ରେଲିଆର ୱିଲ୍ ମାଲାଜୁକ୍ ବିଶ୍ୱକପରେ ଦ୍ରୁତତମ ଶତକ ହାସଲ କରିବାର ବିଶ୍ୱ ରେକର୍ଡ ରଖିଛନ୍ତି, କିନ୍ତୁ ସୂର୍ଯ୍ୟବଂଶୀ ଏବେ ଫାଇନାଲ୍‌ରେ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ ନିଜ ନାମରେ କରିଛନ୍ତି ।

ସେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଶତକ ମାରିବାରେ ତୃତୀୟ ଭାରତୀୟ ବ୍ୟାଟର। ତାଙ୍କ ପୂର୍ବରୁ ଉନ୍ମୁକ୍ତ ଚାନ୍ଦ (୨୦୧୨) ଏବଂ ମନଜୋତ କାଲରା (୨୦୧୮) ରେ ଶତକ ହାସଲ କରିଛନ୍ତି ।। ସୂର୍ଯ୍ୟବଂଶୀ ଏହି ମ୍ୟାଚ୍‌ରେ ଅନେକ ରେକର୍ଡ କରିଛନ୍ତି ।, ୧୯ ବର୍ଷରୁ କମ୍ ବିଶ୍ୱକପ୍ ମ୍ୟାଚ୍ର ଏକ ଇନିଂସରେ ସର୍ବାଧିକ ଛକା ମାରି ଇତିହାସ ରଚ଼ିଛନ୍ତି । ଏହି ଇନିଂସରେ ୧୫ଟି ଛକା ମାରି ସେ ଅଷ୍ଟ୍ରେଲିଆର ମାଇକେଲ୍ ହିଲଙ୍କ ରେକର୍ଡ ଭାଙ୍ଗିଛନ୍ତି । ମାଇକେଲ୍ ଗୋଟିଏ ଇନିଂସରେ ୧୨ଟି ଛକା ମାରିଥିଲେ।

ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୮୦ଟି ବଲ୍‌ରେ ୧୭୫ ରନର ବିସ୍ଫୋରକ ଇନିଂସ ଖେଳିଛନ୍ତି । ୨୧୮.୭୫ର ଏକ ଦମଦାର ଷ୍ଟ୍ରାଇକ୍ ରେଟ୍ରେ ଖେଳି ସେ ୧୫ଟି ଚୌକା ଏବଂ ୧୫ଟି ଛକା ମାରିଥିଲେ। ସେ କେବଳ ବାଉଣ୍ଡାରୀ ମାଧ୍ୟମରେ ୧୫୦ ରନ୍ କରିଥିଲେ। ବୈଭବ ଏବେ ଏହି ବିଶ୍ୱକପ୍‌ରେ ସର୍ବାଧିକ ରନ୍ ସ୍କରରଙ୍କ ତାଲିକାରେ ଶୀର୍ଷରେ ଅଛନ୍ତି। ସେ ସାତଟି ଇନିଂସରେ ୬୨.୭୧ର ପ୍ରଭାବଶାଳୀ ହାରରେ ୪୩୯ ରନ୍ କରିଛନ୍ତି, ଯେଉଁଥିରେ ଗୋଟିଏ ଶତକ ଏବଂ ତିନୋଟି ଅର୍ଦ୍ଧଶତକ ସାମିଲ୍ ।

# ଦ୍ୱିତୀୟ ଥର ଟାଇଟଲ୍ ଜିତିଲା ଆରସିବି

ଭଦୋଦରା,୫।୨: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦ୍ୱିତୀୟ ଥର ପାଇଁ ମହିଳା ପ୍ରିମିୟର ଲିଗ୍ ଟାଇଟଲ ଜିତିଛି। ୨୦୨୬ର ଫାଇନାଲ୍ ମ୍ୟାଚରେ ଆରସିବି ପ୍ରତିପକ୍ଷ ଦିଲ୍ଲୀ କ୍ୟାପିଟାଲ୍ସକୁ ୬ ୱିକେଟରେ ପରାସ୍ତ କରିଛି। ୨୦୨୪ ପରେ ଦ୍ୱିତୀୟ ଆରସିବି ଟ୍ରଫି ଉଠାଇଛି ।ଅନ୍ୟପଟେ, ଦିଲ୍ଲୀ କ୍ୟାପିଟାଲ୍ସ ଲଗାତାର ଚତୁର୍ଥ ଫାଇନାଲରେ ପରାସ୍ତ ହୋଇ ଇତିହାସ ସୃଷ୍ଟି କରିଛି ଦଳର ପୁଣି ଥରେ ଚାମ୍ପିଅନ ହେବାର ସ୍ୱପ୍ନ ଧୂଳିସାତ ହୋଇଛି।

ଫାଇନାଲ ମ୍ୟାଚରେ, ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରି ୨୦୩ ରନ କରିଥିଲା। ଏହା ମହିଳା ପ୍ରିମିୟର ଲିଗ୍ ଫାଇନାଲ ଇତିହାସରେ କୌଣସି ଦଳ ଦ୍ୱାରା ସର୍ବାଧିକ ସ୍କୋର ଥିଲା। ତଥାପି, ଆରସିବି ଫାଇନାଲରେ ଇତିହାସରେ ସର୍ବାଧିକ ରନ ଚେଜ୍ କରି ରେକର୍ଡ କରିଛି ।ଅଧିନାୟକ ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ୮୭ ରନ ଏବଂ ଜର୍ଜିଆ। ୱଲଙ୍କ ୭୯ ରନର ଇନିଂସ ବଳରେ ମ୍ୟାଚକୁ ୪ ୱିକେଟରେ ଜିତି ନେଇଛି। ମନ୍ଧାନା ଟୁର୍ଣ୍ଣାମେଣ୍ଟ ସର୍ବଶ୍ରେଷ୍ଠ ଖେଳାଳି ହୋଇଛନ୍ତି।



୨୦୨୪ ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପ୍ରଥମ ଥର ପାଇଁ ଟ୍ରଫି ଜିତିଥିଲା। ସେହି ସମୟରେ, ବେଙ୍ଗାଲୁରୁ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ୱିକେଟରେ ପରାସ୍ତ କରିଥିଲା। ଦୁଇ ବର୍ଷ ପରେ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦୪ ରନର ରେକର୍ଡ ଟାର୍ଗେଟ ପିଛା କରି ଇତିହାସ ରଚିଛି ।ଅଧିନାୟିକା ସ୍ମୃତି ମନ୍ଧାନା ୪୭ ବଲରେ ୮୧ ରନ କରିଥିବା ବେଳେ ଜର୍ଜିଆ। ୱାଲ୍ ୭୯ ରନର ଯୋଗଦାନ ଦେଇଥିଲେ ମନ୍ଧାନା ଏବଂ ୱାଲଙ୍କ ଐତିହାସିକ ୧୬୫ ରନର ଭାଗୀଦାରୀ ଆରସିବିର ଲଗାତାର ଦ୍ୱିତୀୟ ଟାଇଟଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଅନ୍ତିମ ଓଭରରେ ମ୍ୟାଚ ଜିତିବା ପାଇଁ

### ଲଗାତାର ଚତୁର୍ଥ ଥର ନିରାଶ ହେଲା ଦିଲ୍ଲୀ

୧୦ ରନ୍‌ର ଆବଶ୍ୟକତା ଥିବାବେଳେ ରାଧା ଯାଦବ ଦୁଇ ଚୌକା ମାରି ଦଳକୁ ଐତିହାସିକ ବିଜୟ ଦେଇଥିଲେ।

ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୩ ରନର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା । ଜେମିମା ରୋଡ୍ରିଗ୍ସ ମାତ୍ର ୩୭ ବଲରେ ୫୭ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ଲୌରା ଉଲଭାର୍ଡ (୪୪) ଏବଂ ଚିନେଲ ହେନେରୀ (୩୫ ଅପରାଜିତ) ଦ୍ରୁତ ବ୍ୟାଟିଂ କରି ଦଳକୁ ୨୦୦ ପାର୍ କରାଇଥିଲେ ।ଦିଲ୍ଲୀ କ୍ୟାପିଟାଲ୍ସ ଲଗାତାର ଚତୁର୍ଥ ଥର ପାଇଁ ନିରାଶ ହୋଇଛି ଦିଲ୍ଲୀ ଇତିହାସରେ ପ୍ରତ୍ୟେକ ସିଜନରେ ଫାଇନାଲରେ ପରାଜିତ ହେବାରେ ପ୍ରଥମ ଦଳ ହୋଇ ନିଜ ନାମରେ ଏକ ଲଜ୍ଜାଜନକ ରେକର୍ଡ ଯୋଡ଼ିଛି। ଦିଲ୍ଲୀ ଦୁଇଟି ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଠାରୁ ପରାସ୍ତ ହୋଇଛି।

# ଏଫ୍‌ଆଇଏଚ୍ ପ୍ରୋ-ଲିଗ୍: ଭାରତୀୟ ଦଳରେ ୫ ଓଡ଼ିଆ

ରାଉରକେଲା,୬।୨: ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ରାଉରକେଲାର ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ (ପୁରୁଷ) ପାଇଁ ହକି ଇଣ୍ଡିଆ। ଗୁରୁବାର ୨୪ ଜଣିଆ। ଭାରତୀୟ ଦଳ ଘୋଷଣା କରିଛି ଏହି ଦଳରେ ଓଡ଼ିଶାର ୫ ଜଣ ଖେଳାଳି ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଦଳରେ ଅଲିମ୍ପିଆନ୍ ତଥା ଅଭିଜ୍ଞ ରକ୍ଷଣଭାଗ ଖେଳାଳି ଅମିତ ରୋହିଦାସଙ୍କ ସହ ୫ଜଣ ଓଡ଼ିଆ। ଖେଳାଳି ସ୍ଥାନ ପାଇଛନ୍ତି ଘରୋଇ ପରିବେଶରେ ପ୍ରୋ-ଲିଗ୍ ଭଳି ସମ୍ମାନଜନକ ପ୍ରତିଯୋଗିତା ଖେଳିବାକୁ ଯାଉଥିବା ଓଡ଼ିଶାର ଅନ୍ୟ ଖେଳାଳିମାନେ ହେଲେ ନୀଲମ ସଂଜୀପ ଖେସ୍, ଅମନଦୀପ ଲାକ୍ରା, ରୋଶନ କୁଜୁର ଓ ଶିଳାନନ୍ଦ ଲାକ୍ରା।

୨୧ ବର୍ଷୀୟ ମଧ୍ୟକ୍ରମ ଖେଳାଳି ରୋଶନ କୁଜୁର ପ୍ରଥମ ଥର ପାଇଁ ଭାରତୀୟ ବରିଷ୍ଠ ଦଳରେ ସ୍ଥାନ ପାଇଛନ୍ତି ସେ କନିଷ୍ଠ



### ରୋଶନ କୁଜୁରଙ୍କୁ ପ୍ରଥମ ଥର ସୁଯୋଗ

ବିଶ୍ୱକପ୍ କାଂସ୍ୟ ପଦକ ବିଜେତା ଦଳର ସଦସ୍ୟ ରହିବା ସହ ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ। ଲିଗ୍‌ରେ ବିଜେତା କଳିଙ୍ଗ ଲାନସର୍ସ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ। ସେହିଭଳି ହକି ଇଣ୍ଡିଆ। ଲିଗ୍‌ରେ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିବା ଅମନଦୀପ ଲାକ୍ରା ମଧ୍ୟ ଦଳର ରକ୍ଷଣଭାଗକୁ ଶକ୍ତିଶାଳୀ କରିବେ ।ପୂର୍ବଭଳି ହରମନପ୍ରୀତ ସିଂହ ଦଳର ନେତୃତ୍ୱ ନେବେ। ରାଉରକେଲା ପର୍ଯ୍ୟାୟରେ ଭାରତୀୟ ଦଳ ଶକ୍ତିଶାଳୀ ଆର୍ଜେଣ୍ଟିନା ଓ ବେଲଜିୟମ ବିପକ୍ଷରେ ମଇଦାନକୁ ଓହ୍ଲାଇବ।ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍‌ଙ୍କ ଅନୁଯାୟୀ, ଦଳରେ ଅଭିଜ୍ଞତା ଓ ଯୁବ ପ୍ରତିଭାର ଏକ ସନ୍ତୁଳନ ରହିଛି, ଯାହା ଘରୋଇ ମାଟିରେ ଦଳକୁ ସଫଳତା ଦେବାରେ ସହାୟକ ହେବ। ଭାରତୀୟ ଦଳ: ଗୋରକ୍ଷକ-ସୁରଜ କେରକେରା, ପବନ। ରକ୍ଷଣଭାଗ- ଅମିତ ରୋହିଦାସ, ଜର୍ମନପ୍ରୀତ ସିଂହ, ଯୁଗରାଜ ସିଂହ, ହରମପ୍ରୀତ ସିଂହ, ସୁମିତ, ସଂଜୟ, ନୀଲମ ସଂଜୀପ ଖେସ୍, ଅମନଦୀପ ଲାକ୍ରା, ମଧ୍ୟଭାଗ-ରାଜୀନ୍ଦର ସିଂହ, ମନମିତ ସିଂହ, ବିବେକ ସାଗର ପ୍ରସାଦ, ହାର୍ଦିକ ସିଂହ, ମୋଇରଙ୍ଗଥେମ୍ ରବିଚନ୍ଦ୍ର ସିଂହ, ନୀଳକାନ୍ତ ଶର୍ମା, ରୋଶନ କୁଜୁର, ଅଗ୍ରଭାଗ-ଅଭିଷେକ, ସୁଖଜିତ ସିଂହ, ଶିଳାନନ୍ଦ ଲାକ୍ରା, ସେଲଭମ୍ କାର୍ତ୍ତି ମନ୍ଦୀପ ସିଂହ, ଅରାଇଜିତ ସିଂହ ହୁଣ୍ଡାଲ, ଆଦ୍ତିୟ ଅର୍ଜୁନ ଲଲାଗେ।

# ଆରସିବିକୁ ପ୍ରଶଂସା କଲେ କୋହଲି

ନୂଆଦିଲ୍ଲୀ,୬।୨: ମହିଳା ପ୍ରିମିୟର ଲିଗ ୨୦୨୬ ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜବରଦସ୍ତ ବିଜୟ ପରେ, ପୂର୍ବତନ ପୁରୁଷ ଦଳର ଅଧିନାୟକ ଏବଂ ଷ୍ଟାର ବ୍ୟାଟସମ୍ୟାନ ବିରାଟ କୋହଲି ସୋସିଆଲ ମିଡିଆରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ଶେୟାର କରିଛନ୍ତି। କୋହଲି ଏହି ବିଜୟକୁ ସମଗ୍ର ଦଳ, ପରିଚାଳନା ଏବଂ ବିଶେଷକରି ଉତ୍ସାହୀ ପ୍ରଶଂସକଙ୍କୁ ଉତ୍ସର୍ଗ କରିଛନ୍ତି ।ତାଙ୍କର ସରକାରୀ ପୋଷ୍ଟରେ ବିରାଟ କୋହଲି ଲେଖିଛନ୍ତି ଯେ, ଆରସିବି ପୁଣି ଥରେ ଚାମ୍ପିଅନ ହୋଇଛି ଏବଂ ଦଳ ଏପରି ପ୍ରଦର୍ଶନ କରିଛି ଯାହା ଉପରେ ପ୍ରତ୍ୟେକ ପ୍ରଶଂସକ ଗର୍ବିତ ହେବା ଉଚିତ। ସେ ଅଧିନାୟକ ସ୍ମୃତି ମନ୍ଧାନାଙ୍କୁ ପ୍ରଶଂସା କରିଛନ୍ତି ଏବଂ ଏହି ଉଲ୍ଲେଖନୀୟ ଏବଂ ସ୍ମରଣୀୟ ବିଜୟ ପାଇଁ ମହିଳା ଦଳ, ସହାୟକ କର୍ମଚାରୀ ଏବଂ ପରିଚାଳନାକୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ବାର୍ତ୍ତାରେ କୋହଲି କହିଛନ୍ତି, ଦଳ ଏହି ବିଜୟ ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ଏବଂ ଖେଳାଳିମାନେ ଏହି ମୁହୂର୍ତ୍ତକୁ ସମ୍ପୂର୍ଣ୍ଣ ଉପଭୋଗ କରିବା ଉଚିତ। ସେ ଆରସିବି ପ୍ରଶଂସକଙ୍କ ପ୍ରେମ ଏବଂ ସମର୍ଥନକୁ ମଧ୍ୟ ବିଶେଷ ଭାବରେ ପ୍ରଶଂସା କରିଛନ୍ତି ।ବିରାଟଙ୍କ ଏହି ବାର୍ତ୍ତା କେବଳ ଦଳକୁ ଉତ୍ସାହିତ କରିନଥିଲା ବରଂ ପ୍ରଶଂସକମାନଙ୍କ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ମଧ୍ୟ ହୋଇଥିଲା।



# ରାଙ୍କିଂରେ ଉପରକୁ ଉଠିଲେ ଇଶାନ

ନୂଆଦିଲ୍ଲୀ,୬।୨: ଟି-୨୦ ବିଶ୍ୱକପ ପୂର୍ବରୁ ଇଶାନ କିଷନଙ୍କ ପାଇଁ ଖୁସି ଖବର। ଆଇସିସି ରାଙ୍କିଂରେ ମାରିଲେ ବଡ଼ ଲମ୍ଫ ସିଧା ୩୨ ଜଣ ଖେଳାଳିଙ୍କୁ ପଛରେ ପକାଇଛନ୍ତି ଏହି ବାମହାତୀ ବ୍ୟାଟ୍ସମ୍ୟାନ ।ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଦୀର୍ଘଦିନ ପରେ ଦଳକୁ ଫେରିଥିଲେ। ଏହି ସିରିଜରେ ଦମଦାର ପ୍ରଦର୍ଶନ କରିଥିଲେ। ଶତକୀୟ ପାଳି ଖେଳି ଦଳକୁ ଖାଲି ବିଜୟ କରାଇନଥିଲେ ବରଂ ଏହି ସିରିଜର ନିଜର ବଳିଷ୍ଠ ପ୍ରଦର୍ଶନ ପାଇଁ ଆଇସିସି ରାଙ୍କିଂରେ ଉନ୍ନତି କରିଛନ୍ତି ।ସେ ୩୨ ଜଣଙ୍କୁ ପଛରେ ପକାଇ ଏବେ ୩୨ ନମ୍ବର ସ୍ଥାନରେ ରହିଛନ୍ତି ।



ସେପଟେ ଅନ୍ୟ ଭାରତୀୟ ଖେଳାଳିଙ୍କ କଥା ଯଦି କହିବା ତାହେଲେ ଅଭିଶେକ ଶର୍ମା ଏବେ ମଧ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସୂର୍ଯ୍ୟକୁମାର ଯାଦବ ଦମଦାର ପ୍ରଦର୍ଶନ କରିଥିଲେ। ସେ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି ପୂର୍ବରୁ ସପ୍ତମ ସ୍ଥାନରେ ରହିଥିଲେ। ମାତ୍ର ଏବେ ସେ ଷଷ୍ଠ ସ୍ଥାନକୁ ଉଠିଛନ୍ତି। ସେପଟେ ଶିଭମ ଦୁବେ ୧୭ ଜଣଙ୍କୁ ପଛରେ ପକାଇ ଏବେ ୪୧ ନମ୍ବରରେ ରହିଛନ୍ତି। ସବୁଠାରୁ ଅଧିକ କ୍ଷତି ସହିଛନ୍ତି ସଞ୍ଜୁ ସମାସନ। ସମ୍ପୂର୍ଣ୍ଣ ସିରିଜରେ ଫ୍ଲପ ହୋଇଥିବା ଏହି ୱିକେଟ କିପର ବ୍ୟାଟ୍ସମ୍ୟାନ ଏବେ ୫୬ ନମ୍ବର ସ୍ଥାନକୁ ଖସି ଯାଇଛନ୍ତି। ତିଲକ ବର୍ମାଙ୍କ କଥା ଯଦି କହିବା ତାହେଲେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଆହତ କାରଣରୁ ଖେଳିବାର ସୁଯୋଗ ପାଇନଥିଲେ। ଏବେ ସେ ଚତୁର୍ଥ ସ୍ଥାନରେ ରହିଛନ୍ତି।

ବୋଲରଙ୍କ କଥା ଯଦି ବିଚାରକୁ ନେବା ତାହେଲେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏବେ ଶୀର୍ଷ ସ୍ଥାନରେ ରହିଛନ୍ତି ଦ୍ୱିତୀୟ ସ୍ଥାନରେ ରହିଥିବା ପାକିସ୍ତାନୀ ସ୍ପିନର ଅବରାର ଅହମ୍ମଦଙ୍କ ଠାରୁ ୨୮ ପଏଣ୍ଟ ଅଧିକ ରହିଛନ୍ତି। ଆଗକୁ ଟି-୨୦ ବିଶ୍ୱକପ ଆସୁଥିବାବେଳେ ଏହି ପଏଣ୍ଟ ଖେଳାଳିଙ୍କ ଉପରେ ମଧ ପ୍ରଭାବ ପକାଇବ ଭାରତୀୟ ଖେଳାଳିମାନେ ଏବେ ଦମଦାର ଫର୍ମରେ ରହିଥିବାବେଳେ ବିଶ୍ୱକପର ପ୍ରମୁଖ ଦାବିଦାର ହେବ ବୋଲି ଆଶା କରାଯାଉଛି।

# 'ପାକିସ୍ତାନ ପାଇଁ ବୁଡ଼ିବ ବାଂଲାଦେଶ କ୍ରିକେଟ ବୋର୍ଡ'

ନୂଆଦିଲ୍ଲୀ,୫।୨: ଭାରତରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରୁ ବାଂଲାଦେଶ ବାଦ ପଡ଼ି ଦିନରୁ ବୋର୍ଡକୁ ପଡ଼ିଛି ଶନିଦଶା ।ପାକିସ୍ତାନ କଥାରେ ଏଭଳି କରିଥିବା ବାଂଲାଦେଶ କ୍ରିକେଟ ବୋର୍ଡରେ ଚିନ୍ତାରେ ପଡ଼ିଛି ।ବାଂଲାଦେଶକୁ ସପୋର୍ଟ କରିବା ପାଇଁ ପାକିସ୍ତାନ ଭାରତ ବିପକ୍ଷ ମ୍ୟାଚକୁ ବୟକଟ କରିଛି। ଯଦି ଆଇସିସି ବଡ଼ ପଦକ୍ଷେପ ନେବ ସିଧା ବାଂଲାଦେଶ ଉପରେ ମଧ ପ୍ରଭାବ ପଡ଼ିବ ବୋଲି ନିଜେ ବାଂଲାଦେଶର ଅଧିକାରୀମାନେ ଚିନ୍ତା ପ୍ରକଟ କରିଛନ୍ତି ।

ବିସିବିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯଦି ଭାରତ-ପାକିସ୍ତାନ ମ୍ୟାଚ ଅନୁଷ୍ଠିତ ନହୁଏ ତାହେଲେ ଆଇସିସି କ୍ଷତି ସହିବ ସମଗ୍ର କ୍ରିକେଟ ଜଗତ କ୍ଷତି ସହିବାକୁ ଥିବାବେଳେ ସିଧାସଳଖ ଏହା ବଡ଼ ପ୍ରଭାବ ପକାଇବ ଯାହାକି ଆମେ ଚାହୁଁନାହୁଁ ମାତ୍ର ବାଂଲାଦେଶ ଏହାର କ୍ଷତି ମଧ ସହିବାକୁ ପଡ଼ିବ। ଆମ ଭଳି ଛୋଟ ବୋର୍ଡ ମଧ ଆର୍ଥିକ ଭାବରେ ବହୁ କ୍ଷତି ସହିବ। ଯାହଳାଫଳାରେ ପୁଣିଥରେ ଅଣ୍ଟା ସଳଖିବା କଷ୍ଟ ହୋଇଯିବ। ତେବେ ଭାରତ-ପାକିସ୍ତାନ ମ୍ୟାଚ ଯଦି ହୁଏ ତାହେଲେ ଆଇସିସି ଲାଭ ପାଇଲେ। ବୋର୍ଡମାନେ ମଧ ଲାଭ ପାଇବେ । ମାତ୍ର ପାକିସ୍ତାନର ଏଭଳି ନିଷ୍ପତ୍ତିକୁ ସେ ନିନ୍ଦା କରିଛନ୍ତି ।

# ଷ୍ଟୋକ୍ସଙ୍କ ଗାଲ-ଆଖିରେ ଗଭୀର ଆଘାତ

ନୂଆଦିଲ୍ଲୀ,୬।୨: ଆଖିରେ କଳାଦାଗ ସହ ଫୁଲିଛି। ଗାଲରେ ଗଭୀର ଆଘାତ ଲାଗିଛି। ଏମିତି କି ତାଙ୍କୁ ଚିହ୍ନିବା ବି କଷ୍ଟକର ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ ବେନ ଷ୍ଟୋକ୍ସ ଆହତ ହୋଇଛନ୍ତି। ଅଭ୍ୟାସ ବେଳେ ଏକ କ୍ରିକେଟ ବଲ୍ ବାଜି ତାଙ୍କ ମୁହଁ ଫାଟି ଯାଇଛି ।ସେ ନିଜେ ସୋସିଆଲ୍ ମିଡିଆ। ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଏକ ଫଟୋ ଛାଡ଼ି ଏ ବିଷୟ ଜଣାଇଛନ୍ତି ତାଙ୍କ ଆଖି ଏବଂ ଗାଲରେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି।

ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, ତୁମେମାନେ କ୍ରିକେଟ୍ ବଲ୍ କରାମତି ଦେଖିବା ଉଚିତ୍ ଅର୍ଥାତ୍ ସେ କହିବାକୁ ଚାହିଁଛନ୍ତି କି, ତୁମେ କ୍ରିକେଟ୍ ବଲ୍ ଦ୍ୱାରା ଆଘାତ ପାଇବାର ଅବସ୍ଥା ଦେଖିବା ଉଚିତ୍ ଅଭ୍ୟାସ ସମୟରେ ଷ୍ଟୋକ୍ସଙ୍କ ଡାହାଣ ଗାଲରେ ଏକ ବଲ୍ ବାଜିଥିଲା । ବଲ୍ ତୀବ୍ରତା ଏତେ ଜୋର ଥିଲା ଯେ, ତାଙ୍କ ଡାହାଣ ଆଖିର ତଳ ଭାଗ ଫୁଲିଯିବା ସହ କଳା ପଡ଼ି ଯାଇଥିଲା। ଏପରିକି ନାକରୁ ମଧ ରକ୍ତସ୍ରାବ ହୋଇଥିଲା ଫଟୋରେ ସେ ନାକରେ ଏକ ବ୍ୟାଣ୍ଡେଜ ଲଗାଇଥିବା ଦେଖିବାକୁ ମିଳିଛି ଏହି ଆଘାତ ତାଙ୍କୁ କିଛି ମାସ ପାଇଁ କ୍ରିକେଟରୁ ଦୂରେଇ ରଖିପାରେ କ୍ରିକେଟରଙ୍କ ଆଘାତ ଖବର ସବୁବେଳେ ସାଧାରଣ, କିନ୍ତୁ ଷ୍ଟୋକ୍ସଙ୍କ ଆଘାତର ପରିମାଣ ବିଶ୍ୱାସ କରିବା କଷ୍ଟକର ଷ୍ଟୋକ୍ସଙ୍କ ଅବସ୍ଥା ଏକ ବଲ୍ ଯୋଗୁଁ ହୋଇଥିଲା । ଏହି କିମ୍ବଦନ୍ତୀ ଅଲରାଉଣ୍ଡର ଇନଷ୍ଟାଗ୍ରାମରେ ତାଙ୍କ ଆଘାତର ଏକ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ତାଙ୍କ ମୁହଁ ଗଭୀର ଭାବରେ ଆଘାତ ହୋଇଥିବା ଦେଖାଯାଉଛି ସେ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ଆଶା କରିଛନ୍ତି ତାଙ୍କ ଫ୍ୟାନ୍ସ ।



ଆସେସ ସମୟରେ ଆହତ-ଅଷ୍ଟ୍ରେଲିଆ। ବିପକ୍ଷରେ ସଦ୍ୟ ସମାପ୍ତ ଆସେସ୍ ସିରିଜ୍ ସମୟରେ ବେନ୍ ଷ୍ଟୋକ୍ସ ଆହତ ହୋଇଥିଲେ ବୋଲିଂ କରିବା ସମୟରେ ଷ୍ଟୋକ୍ସଙ୍କ ଗଣ୍ଠିରେ ଆଘାତ ଲାଗିଥିଲା ଏବଂ ବର୍ତ୍ତମାନ ସେ ଏଥିରୁ ସୁସ୍ଥ ହେଉଛନ୍ତି। ଷ୍ଟୋକ୍ସ ଅଭ୍ୟାସ ଆରମ୍ଭ କରିଥିଲେ, କିନ୍ତୁ ଅଭ୍ୟାସ ସମୟରେ ଆଉ ଥରେ ଆହତ ହୋଇଛନ୍ତି। ଯାହା ତାଙ୍କୁ କିଛି ମାସ ପାଇଁ କ୍ରିକେଟରୁ ଦୂରରେ ରଖିବାର ସମ୍ଭାବନା ରହିଛି। ସେ କେବେ ଫିଟ୍ ହେବେ ଏବଂ ପଡ଼ିଆକୁ ଫେରିପାରିବେ ତାହା ଦେଖିବାକୁ ଅପେକ୍ଷା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ